8) The left behind families of migrant workers should be identified at the Panchayat, Block and District level and they should be provided with subsidized food components under different government schemes and their family should be provided with medical care under RSBY and their children should be provided with educational benefits under Sarva Sikhya Abhiyan.

9) Inclusion of migrant workers for providing benefits under the Building and Other Constructions workers Act is a welcome step taken by the Odisha Govt.

10) Effective Co-ordination between sending and receiving state of migrant workers will help reducing the plight of migrant workers.

11) Organizing sensitizing programmes for migrant workers and the Contractors at frequent intervals at the vulnerable areas of different district to aware them of their rights and the procedure to avail them.

Cases of inter-state migrant workers being kept as hostage, torture of migrants and assault on migrant workers are making the headlines of newspapers very frequently. Still much more need to be done for the wellbeing of the migrant workers.

Last but not the least, is that there should be a change of mindset of the local recruiters and contractors who are sending the migrant workers to different outside states. It is highly essential to prevent abuses on the migrant workers. The Contractors should come forward to comply the statutory provisions under the ISMW Act and should say 'NO' to the shortcut methods of supplying the labourers without having proper documentation and without proper work order from the Principal employers. It is high time that they should realise the fact that above all they are answerable to God for their acts.

## ଓଡ଼ିଆ ବିଭାଗ

# ଦାଦନ ଶ୍ରମିକଙ୍କ ଜାଣିବା କଥା

୧.୧. ଦାଦନ ଶ୍ରମିକ କାହାକୁ କହିବା

'ଦାଦନ' ଶବ୍ଦର ଅର୍ଥ ଅଗ୍ରୀମ।। ଯେଉଁ ଶ୍ରମିକମାନେ କାମରେ ଯୋଗଦେବା ପୂର୍ବରୁ ମାଲିକ ବା ଠିକାଦାରଙ୍କ ଠାରୁ (ଟଙ୍କା ଆକାରରେ ହେଉ ବା ଜିନିଷ ଆକାରରେ ହେଉ) ଅଗ୍ରୀମ ନିଅନ୍ତି, ସେମାନଙ୍କୁ ଦାଦନ ଶ୍ରମିକ କୁହାଯାଏ।

'ଅଗ୍ରୀମ'ର ସାଧାରଣ ଅର୍ଥ ହେଲା 'ବହଣା' ବା 'ବଇନା'। ଏହାକୁ ସ୍ଥଳ ବିଶେଷରେ 'ଯାଜନ', 'ବାଦନ' ଆଦି କୁହାଯାଏ। ଏହି ଅଗ୍ରୀମ ଅଧିକାଂଶ କ୍ଷେତ୍ରରେ ଟଙ୍କା ଆକାରରେ ଦିଆଯାଏ। କେତେକ କ୍ଷେତ୍ରରେ ଧାନ, ଚାଉଳ, ଗହମ ଆଦି ଖାଦ୍ୟଶସ୍ୟ, ଲୁଗାପଟା, ଔଷଧ ଆଦି ମଧ୍ୟ ଅଗ୍ରୀମ ଆକାରରେ ଦିଆଯାଏ।

ସାଧାରଣତଃ ମାଲିକ, ଠିକାଦାର, ସାହୁକାର, ଖାତାଦାର, ଏଜେଣ୍ଟ, ମୁନ୍‌ସି ଓ ସର୍ଦ୍ଦାରମାନେ ଶ୍ରମିକମାନଙ୍କୁ କାମରେ ନିଯୁକ୍ତି କରିବା ପୂର୍ବରୁ ଅଗ୍ରୀମ ଆକାରରେ କିଛି ଅର୍ଥ କିମ୍ବା ଜିନିଷ ଦେଇଥାନ୍ତି। ଏହି ଅର୍ଥ ବା ଜିନିଷ ଆକାରରେ ଦିଆଯାଇଥିବା ଅଗ୍ରୀମ ଶ୍ରମିକ କାମ କରିସାରିବା ପରେ ତାଙ୍କ ମଜୁରିରୁ କଟାଯାଇଥାଏ।

ଆମ ଗାଆଁ ଗହଳରେ କ୍ଷେତ ବାଡ଼ିରେ କାମ କରିବା ପାଇଁ ମାସିକିଆ, ବର୍ଷିକିଆ ହଳିଆ ବା କୁଠିଆ ବା ଖମାରି ରଖାଯାଏ, ଏମାନେ ସାହୁକାରଙ୍କ ଠାରୁ କାମରେ ଯୋଗଦେବା ପୂର୍ବରୁ ଅଗ୍ରୀମ ନିଅନ୍ତି। ଅନେକ କ୍ଷେତ୍ରରେ ବିଭିନ୍ନ ସାମାଜିକ କାର୍ଯ୍ୟ ଯଥା ବାହା, ଭୋଜିଭାତ, ଶୁଦ୍ଧିକ୍ରିୟା ତଥା ଶରୀର ଅସୁସ୍ଥ ହେବା ସମୟରେ ମଧ୍ୟ ସାଧାରଣ ଶ୍ରମିକ ଗାଆଁରେ ସାହୁକାର, ଜମିଦାର ବା ଗଉନ୍ତିଆଙ୍କଠାରୁ କଛି କରଜ ଅଗ୍ରୀମ ଆକାରରେ ଆଣନ୍ତି ଏବଂ ଭବିଷ୍ୟତରେ ସାହୁକାରଙ୍କ କ୍ଷେତ ବାଡ଼ିରେ କାମ କରି ତାହା ଶୁଝି ଦିଅନ୍ତି। ଏ ବର୍ଷ ଶୁଝି ନପାରିଲେ ଆର ବର୍ଷକୁ ଶୁଝନ୍ତି। ଏମିତି ଚାଲେ ବର୍ଷ, ବର୍ଷ, ପୁରୁଷ ପୁରୁଷ ଧରି, ବାପର ଋଣ ତା ପୁଅ ଅବା ନାତି କିମ୍ବା ଅଣନାତି ଶୁଝନ୍ତି। ଏହି ପ୍ରଥା ଗୋତି ପ୍ରଥାର ରୂପ ନେଇଥାଏ। ଆମ ଓଡ଼ିଶାରେ ଦକ୍ଷିଣ ଏବଂ ପଶ୍ଚିମ ଅଞ୍ଚଳର ଜିଲ୍ଲାମାନଙ୍କରେ ଏହି ପ୍ରଥା ଚାଲିଥିଲା। ସେ ପ୍ରଥା ଏବେ ଆଉ ଚଳୁ ନାହିଁ। ତଥାପି ତାର କିଛି ପ୍ରଭାବ ରହିଯାଇଛି।

ଏହାର ଫଳ ସ୍ୱରୂପ ଏବେ ଗାଁ ଗହଳର ଶ୍ରମିକମାନେ ଗୋଟିଏ ଫସଲ ଋତୁପାଇଁ କିମ୍ବା କାମ କରିବା ସମୟ (ସିଜନ) ପାଇଁ ଅଗ୍ରମୀ ନେଇ କାମ କରନ୍ତି। କଳାହାଣ୍ଡି ଓ ବଲାଙ୍ଗିର ଜିଲ୍ଲାର କେତେକ ଅଞ୍ଚଳରେ ଗୋଟିଏ ଫସଲ ଋତୁରେ କାମ କରିବା ପାଇଁ 'ବାହାବନ୍ଧକ' ପଥା ପ୍ରଚଳିତ ଅଛି, ଏହି ପ୍ରଥା ଅନୁସାରେ ଅଗ୍ରୀମ ନେଇଥିବା ଶ୍ରମିକ ଗୋଟିଏ ଫସଲ ବର୍ଷ ପାଇଁ ଋଣ ଦେଇଥିବା

ସାହୁକାର ପାଖରେ ତାର କାମ କରିବା ହାତ ଦୁଇଟିକୁ ବଇନା ବାନ୍ଧକ ରଖନ୍ତି ।

କେତେକ ଅଞ୍ଚଳରେ 'ଘରଜମାଇ' ପ୍ରଥା ଅଛି । ନିଜର ବିବାହ ନିମନ୍ତେ ଆବଶ୍ୟକ ହେଉଥିବା ଭୋଜିପାଇଁ ଆବଶ୍ୟକ ଅର୍ଥ ନପାଇ କୌଣସି କୌଣସି ଯୁବକ ହୁଏତ ବିବାହ ଯୋଗ୍ୟ ଝିଅଥିବା ଜମିମାଲିକ ପାଖରେ କାମ କରନ୍ତି । କିଛି ଦିନ କାମ କରି ମାଲିକର ମନ ଖୁସୀ କଲେ ହୁଏତ ତାଙ୍କ ଝିଅକ ବିବାହ କରିବାକୁ ସୁଯୋଗ ମିଳେ । ଏପରି ଅସଙ୍ଗତ ପ୍ରଥା ନିପଟ ମଫସଲରେ କିମ୍ବା ଆଦିବାସୀ ଅଞ୍ଚଳମାନଙ୍କରେ କେଉଁଠି କେମିତି ଥାଇପାରେ । ଏଥିରେ ମଣିଷର ଶ୍ରମ ବନ୍ଧକ ରୂପେ କାର୍ଯ୍ୟ କରେ ଏବଂ ଶ୍ରମିକଟି କିଛି ପାଇବା ଆଶାରେ ନିଜକୁ ନିଜେ ଅଗ୍ରୀମ ରୂପେ ଅନ୍ୟ ପାଖରେ କାମ କରିଥାଏ ।

### ୧.୨. ବିଭିନ୍ନ କିସମର ଦାଦନ ଶ୍ରମିକ

ଦାଦନ ନେଇ କାମକୁ ଯାଉଥିବା ଶ୍ରମିକଟି ହୁଏତ ନିଜ ଗାଆଁରେ, ପାଖ ସହରରେ, ସେଇ ରାଜ୍ୟର ଅନ୍ୟ ଏକ ଜିଲ୍ଲାରେ କିମ୍ବା ଅନ୍ୟ ରାଜ୍ୟରେ କାମ କରେ । ଆମ ରାଜ୍ୟର କଳାହାଣ୍ଡି, ବଲାଙ୍ଗିର, ବରଗଡ଼ ଆଦି ଜିଲ୍ଲାମାନଙ୍କରୁ ଶ୍ରମିକମାନେ ଶୀତ ଋତୁ ଆରମ୍ଭରେ ଉପକୂଳ ଜିଲ୍ଲା ମାନଙ୍କରେ ଇଟା ଭାଟିରେ କାମ କରିବାକୁ ସପରିବାର ଆସନ୍ତି । କେନ୍ଦୁଝର, ମୟୂରଭଞ୍ଜ ପ୍ରଭୃତି ଜିଲ୍ଲାର ଶ୍ରମିକମାନେ କଟକ, ଭୁବନେଶ୍ୱର, ରାଉରକେଲା, ପୁରୀ, ବାଲେଶ୍ୱର ଆଦି ବଡ଼ ସହରରେ କୋଠା ବାଡ଼ିରେ କାମ କରିବା ପାଇଁ ବର୍ଷସାରା ଘରଛାଡି ଯାଇଥାନ୍ତି । ଆଉ କିଛି ଶ୍ରମିକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଆନ୍ତି । ସାଧାରଣତଃ ଓଡ଼ିଶାର କେତୋଟି ଦାଦନ ଶ୍ରମିକ ବହୁଳ ଜିଲ୍ଲାର ଶ୍ରମିକମାନେ କେଉଁ କେଉଁ ରାଜ୍ୟକୁ କାମ କରିବାକୁ ଯାଉଛନ୍ତି ତାର ଏକ ବିବରଣ ତଳେ ଦିଆଗଲା ।

| କ୍ରମିକ ସଂଖ୍ୟା | ଜିଲ୍ଲାର ନାମ | କେଉଁ ରାଜ୍ୟକୁ ଶ୍ରମିକମାନେ କାମ କରିବାକୁ ଯାଆନ୍ତି |
|---|---|---|
| ୧. | ବରଗଡ଼ | ଛତିଶଗଡ଼, ଆନ୍ଧ୍ରପ୍ରଦେଶ |
| ୨. | ବଲାଙ୍ଗିର | ଛତିଶଗଡ଼, ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ |
| ୩. | ନୂଆପଡ଼ା | ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର |
| ୪. | କଳାହାଣ୍ଡି | ଆନ୍ଧ୍ର ପ୍ରଦେଶ, ମହାରାଷ୍ଟ୍ର, ଛତିଶଗଡ଼, ମଧ୍ୟ ପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ |
| ୫. | କୋରାପୁଟ | ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମଧ୍ୟ ପ୍ରଦେଶ, ତାମିଲନାଡୁ, କେରଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ପଞ୍ଜାବ, ଆସାମ, ହରିଆନା, ଦିଲ୍ଲୀ, ଉତ୍ତର ପ୍ରଦେଶ, ଜାମୁ କାଶ୍ମୀର, ହିମାଚଳ ପ୍ରଦେଶ, ଆଣ୍ଡାମାନ ନିକୋବର, ପଣ୍ଡିଚେରୀ, ରାଜସ୍ଥାନ, ବିହାର |
| ୭. | ଗଜପତି | ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ |

| | | |
|---|---|---|
| ୮. | ରାୟଗଡ଼ା | ଏଜନ |
| ୯. | ପୁରୀ | ଉତ୍ତର ପ୍ରଦେଶ, ଦିଲ୍ଲୀ, ହରିଆନା, ପଞ୍ଜାବ, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ରାଜସ୍ଥାନ, ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗ, ଆସାମ, ମଣିପୁର, ମେଘାଳୟ, ତ୍ରିପୁରା, ବିହାର |
| ୧୦. | ଖୋର୍ଦ୍ଧା | ଏଜନ |
| ୧୧. | ମୟୂରଭଞ୍ଜ | ପଶ୍ଚିମବଙ୍ଗ, ଆସାମ, ବିହାର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ |
| ୧୨. | ବାଲେଶ୍ୱର | ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ବିହାର |
| ୧୩. | ଭଦ୍ରକ | ଏଜନ |
| ୧୪. | ଯାଜପୁର | ଏଜନ |
| ୧୫. | କେନ୍ଦ୍ରାପଡ଼ା | ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ, ପଶ୍ଚିମବଙ୍ଗ |
| ୧୬. | ଜଗତସିଂହପୁର | ଏଜନ |
| ୧୭. | ନୟାଗଡ଼ | ଗୁଜୁରାଟ, ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ, ଆନ୍ଧ୍ର ପ୍ରଦେଶ , ତାମିଲନାଡୁ, କର୍ଣ୍ଣାଟକ |
| ୧୮. | ଫୁଲବାଣି | ମହାରାଷ୍ଟ୍ର, ମଧ୍ୟ ପ୍ରଦେଶ, ଆନ୍ଧ୍ର ପ୍ରଦେଶ |
| ୧୯. | ବୌଦ୍ଧ | ମଧ୍ୟ ପ୍ରଦେଶ, ଛତିଶଗଡ଼ |
| ୨୦. | କେନ୍ଦୁଝର | ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ |

ଏହି ଶ୍ରମିକମାନେ ନିଜେ ନିଜେ, ସାଙ୍ଗମାନଙ୍କ ସହ କିମ୍ବା ଠିକାଦାରଙ୍କ ଜରିଆରେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଆନ୍ତି, କେବଳ ଠିକାଦାରଙ୍କ ଜରିଆରେ ଗୋଟିଏ ରାଜ୍ୟରୁ ଅନ୍ୟ ଏକ ରାଜ୍ୟକୁ ଯାଉଥିବା ଶ୍ରମିକମାନେ ଆନ୍ତଃ ରାଜ୍ୟ ପ୍ରବାସିକ ଶ୍ରମିକ ଆଇନର ପରିସରଭୁକ୍ତ ଅଟନ୍ତି । ଏହି କ୍ଷେତ୍ରରେ ଜଣେ ଠିକାଦାର ୫ କିମ୍ବା ତାଠାରୁ ଅଧିକ ଶ୍ରମିକ ନେଉଥିଲେ ଏହି ଆଇନର ପରିସରଭୁକ୍ତ ହେବେ ।

### ୧.୩. ସାମ୍ବିଧାନିକ ସୁବିଧା

ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ କିମ୍ବା ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ଯିବା ପାଇଁ ଭାରତର ସମ୍ବିଧାନ ଦେଶର ସମସ୍ତ ନାଗରିକଙ୍କୁ ଅଧିକାର ଦେଇଛି । ଏପରି ଯିବାରେ କିଛି ବାରଣ ନାହିଁ, ମାତ୍ର ସମସ୍ୟା ଉପୁଜୁଛି କେଉଁଠି ? ଯେଉଁଠି ଶ୍ରମିକମାନେ ଅନ୍ୟ ରାଜ୍ୟକୁ ଯାଇ ହଇରାଣ ହରକତ ହୁଅନ୍ତି ସେଇଠି ସମସ୍ୟା ଉପୁଜେ ।

## ୧.୪. ଆଇନଗତ ସୁରକ୍ଷା

ଠିକାଦାର ବା ଏଜେଣ୍ଟ ଜରିଆରେ ୫ କିମ୍ବା ତାଠାରୁ ଅଧିକ ଶ୍ରମିକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ସ୍ଥାନାନ୍ତରିତ ହେଉଥିବା କ୍ଷେତ୍ରରେ ପ୍ରବାସିକ ଶ୍ରମିକଙ୍କ ସୁରକ୍ଷା ନିମନ୍ତେ ୧୯୭୯ ମସିହାରେ କେନ୍ଦ୍ର ସରକାର ଆନ୍ତଃରାଜ୍ୟ ପ୍ରବାସିକ ଶ୍ରମିକ ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ ଆଇନ ପ୍ରଣୟନ କରିଛନ୍ତି । ଏହି ଆଇନ ଅନୁସାରେ ଠିକାଦାର ଏବଂ ଦାଦନ ଶ୍ରମିକଙ୍କ ଅବଗତି ନିମନ୍ତେ ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ସଂପର୍କରେ ତଳେ କିଛି ସୂଚନା ପ୍ରଦାନ କରାଯାଇଅଛି ।

### ୧.୪.୧. ଦାଦନ ଶ୍ରମିକ କାହାକୁ କହିବା :

(କ) ଦାଦନ ଶ୍ରମିକ ସଂଗ୍ରହ ନିମନ୍ତେ ଅନ୍ୟ ରାଜ୍ୟର ମୂଳ ନିଯୋକ୍ତାଙ୍କ ଅନୁମତି ପତ୍ର ଆଣିବେ ।

(ଖ) ଦାଦନ ଶ୍ରମିକ କେଉଁ ଅଞ୍ଚଳରୁ ସଂଗ୍ରହ କରିବେ, କେତେଜଣ ଶ୍ରମିକ ସଂଗ୍ରହ କରିବେ, ସେମାନଙ୍କୁ କେଉଁଠି ନିଯୁକ୍ତି ଦେବେ, ତତସମ୍ବନ୍ଧୀୟ ତଥ୍ୟ ଦରଖାସ୍ତରେ ପୂରଣ କରି ସ୍ଥାନୀୟ ଜିଲ୍ଲା ଶ୍ରମ ଅଫିସରଙ୍କ ନିକଟରେ ଦାଦନ ଶ୍ରମିକ ସଂଗ୍ରହ ନିମନ୍ତେ ଲାଇସେନସ ବା ଅନୁମତି ନିମନ୍ତେ ଦରଖାସ୍ତ କରିବେ ।

(ଗ) ଦରଖାସ୍ତ ସହ ସଂଗୃହିତ ହେବାକୁ ଥିବା ଶ୍ରମିକଙ୍କ ପିଛା ଏକଶହ ଟଙ୍କା ସେକୁରିଟି ଜମା କରିବେ ।

(ଘ) ଲାଇସେନସ ଫି ଦାଖଲ କରିବେ ।

(ଙ) ଜିଲ୍ଲା ଶ୍ରମ ଅଫିସର ଲାଇସେନସ ପ୍ରଦାନ କଲାପରେ ଠିକଦାର ଶ୍ରମିକମାନଙ୍କୁ ସଂଗ୍ରହ କରି ପାରିବେ ।

(ଚ) ଶ୍ରମିକମାନଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରିବା ପୂର୍ବରୁ ପ୍ରତି ଶ୍ରମିକଙ୍କ ଗୋଟିଏ ଫଟୋ ସହ ଚିହ୍ନଟ କାର୍ଡ଼ ଶ୍ରମିକଙ୍କୁ ପ୍ରଦାନ କରିବେ, ସେଥିରେ ଶ୍ରମିକଟି କେଉଁଠାରୁ କେଉଁଠିକୁ ଯାଉଛନ୍ତି ସ୍ପଷ୍ଟ ଭାବେ ଲେଖାଥିବ ।

(ଛ) ଶ୍ରମିକ ଗାଆଁ ଛାଡିବା ପୂର୍ବରୁ ତାଙ୍କୁ ସ୍ଥାନଚ୍ୟୁତ ଭତ୍ତା ପ୍ରଦାନ କରିବେ, ଏହି ଭତ୍ତା ଭବିଷ୍ୟତରେ ଶ୍ରମିକଙ୍କ ମଜୁରିରୁ ଭରଣା କରାଯାଇ ପାରିବ ନାହିଁ, ଶ୍ରମିକଟି ଯେହେତୁ ଗାଆଁ ଛାଡି ଦୂରଦେଶକୁ ଯାଉଛି ତାର ପରିବାରଙ୍କ ସାମୟିକ ଖର୍ଚ୍ଚ ପାଇଁ ଏହି ଅର୍ଥ ବିନିଯୋଗ ହୋଇପାରିବ । ଏହାର ପରିମାଣ ସାଧାରଣତଃ ଏକମାସର ମଜୁରି ସହ ସମାନ ହେବା ଦରକାର ।

(ଜ) ସଂଗୃହୀତ ଶ୍ରମିକମାନଙ୍କର କାର୍ଯ୍ୟ ବିବରଣୀ ସହ ଏକ ତାଲିକା ଜିଲ୍ଲା ଶ୍ରମ ଅଫିସରଙ୍କୁ ପଠାଇବେ ।

(ଝ) ସଂଗୃହିତ ଶ୍ରମିକଙ୍କ ଯିବା ଆସିବା ଖର୍ଚ୍ଚ ବହନ କରିବେ ଏବଂ ରାସ୍ତାରେ ସେମାନଙ୍କର ଖାଦ୍ୟ ଆଦି ବ୍ୟବସ୍ଥା କରିବେ ।

(ଞ) ଗାଆଁ ଛାଡିବା ପରଠାରୁ ଶ୍ରମିକଟି ଉକ୍ତ ଠିକାଦାରଙ୍କ କାର୍ଯ୍ୟରେ ଯୋଗ ଦେଲା ବୋଲି ଧରି ନିଆଯାଉ, ଏଣୁ ରାସ୍ତାରେ ଯିବା ସମୟର ମଜୁରି ଶ୍ରମିକମାନେ ପାଇବେ ।

(ଟ) କାର୍ଯ୍ୟ ସ୍ଥଳରେ ପହଞ୍ଚିବା ପରେ ଦାଦନ ଶ୍ରମିକଙ୍କ ସମସ୍ତ ସୁରକ୍ଷା, ମଜୁରି, ସ୍ୱାସ୍ଥ୍ୟ ଅବସ୍ଥା, ଶୀତ ଲୁଗା, ବାସୋପଯୋଗୀ ଘର ଆଦିର ବ୍ୟବସ୍ଥା କରିବେ ।

(ଠ) ଶ୍ରମିକମାନେ ମୃତ କିମ୍ବା ଆହତ ହେଲେ କାର୍ଯ୍ୟସ୍ଥଳର ନିଯୋକ୍ତା ବା ମାଲିକ ଶ୍ରମିକ କିମ୍ବା ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବେ ।

## ୧.୫. ଦାଦନ ଶ୍ରମିକଙ୍କ କର୍ତ୍ତବ୍ୟ

ଠିକାଦାର ଶ୍ରମିକ ସଂଗ୍ରହ କରିବା ପୂର୍ବରୁ ସଂପୃକ୍ତ ଶ୍ରମିକ ଜଣକ ଜାଣିବା ଦରକାର ଯେ, ସେ କେଉଁ ସ୍ଥାନକୁ କେଉଁ ଠିକାଦାର ଜରିଆରେ କେତେଦିନ କାମ କରିବା ପାଇଁ ଯାଉଛି ଓ କେତେ ଟଙ୍କା ମଜୁରି ମିଳିବ, ସେସବୁ ଠିକ୍ ଭାବେ ଜାଣି ରଖନ୍ତୁ । ଗାଆଁ ଛାଡିବା ପୂର୍ବରୁ ଅଗ୍ରୀମ ଭତ୍ତା, ଚିହ୍ନଟ କାର୍ଡ ଆଦି ସାଇତି ରଖନ୍ତୁ ।

ଯାନ ବାହନରେ ଯିବା ସମୟରେ ସଂଘବଦ୍ଧ ଭାବେ ଠିକାଦାରଙ୍କ ଖର୍ଚ୍ଚରେ ସୁବିଧାରେ ଯାଆନ୍ତୁ, ବାଟରେ ଏକଟ ସେପଟ ହେଲେ ରାସ୍ତା ହରାଇବା ସଙ୍ଗେ ସଙ୍ଗେ ସଙ୍ଗଛିଡା ହୋଇଯିବେ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବେ ନାହିଁ ।

କାମ ସ୍ଥାନରେ ପହଞ୍ଚିବା କ୍ଷଣି ଗାଆଁକୁ ଚିଠି ଦେବେ । ମଜୁରି, ଭତ୍ତା, ସ୍ୱାସ୍ଥ୍ୟ ସୁରକ୍ଷା ଖାଦ୍ୟ ପେୟ ଇତ୍ୟାଦିରେ ସତ୍ନବାନ ହେବେ । ବାଧକି ପଡିଲେ କିମ୍ବା ଦୁର୍ଘଟଣା ଘଟିଲେ ମାଲିକଙ୍କ ଖର୍ଚ୍ଚରେ ଚିକିତ୍ସିତ ହେବେ ।

ଠିକ୍ ଭାବରେ ଶୃଙ୍ଖଳିତ ହୋଇ ନିଜର କାର୍ଯ୍ୟ ସଂପାଦନ କରିବେ, ଅଭାବ ଅସୁବିଧା ଉପୁଜିଲେ ସେଠାକୁ ପରିଦର୍ଶନ କରି ଆସୁଥିବା ଶ୍ରମ ଅଫିସରଙ୍କୁ ସାକ୍ଷାତ କରି କିମ୍ବା ପତ୍ର ଦ୍ୱାରା ସମସ୍ତ ବିଷୟ ଜଣାଇବେ । ଯେଉଁଠି କାମ କରିବେ, ସେଇ ରାଜ୍ୟର ଘୋଷିତ ସର୍ବନିମ୍ନ ମଜୁରି ଦାଦନ ଶ୍ରମିକମାନେ ପାଇବାର ବିଧି ରହିଛି ।

କାମସାରି ଫେରିବା ପରେ ମଧ୍ୟ ଠିକାଦାରଙ୍କ ଠାରୁ ବାକିଆ ପାଉଣା ପାଇବାକୁ ଥିଲେ ନିଜ ଘର ପାଖରେ ଥିବା ଶ୍ରମ ଅଫିସ ନିକଟରେ ଦରଖାସ୍ତ କରିପାରିବେ । ଚାକିରି କରିବା ସମୟରେ ମଧ୍ୟ ଚାକିରି ସର୍ତ୍ତ ସଂପର୍କିତ ବିବାଦଉପୁଜିଲେ କାମ କରୁଥିବା ରାଜ୍ୟର ଶ୍ରମ ଅଫିସରେ ଦରଖାସ୍ତ କରିପାରିବେ ।

ଦାଦନ ଶ୍ରମିକମାନେ ମନେ ରଖିଥିବା କଥା ଯେ ସେମାନଙ୍କର ଅଗ୍ରୀମ ଭତ୍ତା, ଯିବା ଆସିବା ସମୟର ଗାଡ଼ି ଖର୍ଚ୍ଚ, ଖାଇବା ଖର୍ଚ୍ଚ ଠିକାଦାର କିମ୍ବା ମାଲିକ ନିଜ ହାତରୁ ବହନ କରିବେ ଏବଂ ଏହି ବାବଦର ଅର୍ଥ ତାଙ୍କ ମଜୁରିରୁ କାଟ ହୋଇପାରିବ ନାହିଁ ।

## ୧.୬. ସପରିବାର ଦାଦନ ଶ୍ରମିକ

ଆମ ଓଡ଼ିଶାର ପଶ୍ଚିମାଞ୍ଚଳ ଜିଲ୍ଲାମାନଙ୍କଠାରୁ ଏବଂ ଅନ୍ୟ ଆଦିବାସୀ ଅଞ୍ଚଳରୁ ଦାଦନ ଶ୍ରମିକ ସପରିବାର ଅନ୍ୟ ରାଜ୍ୟକୁ ଠିକାଦାରଙ୍କ ଜରିଆରେ ଯାଉଥିବା ଲକ୍ଷ୍ୟ କରାଯାଇ ଅଛି । ଘରେ କେବଳ ବୁଢ଼ା, ବୁଢ଼ୀ ଏବଂ ଅକର୍ମଣ୍ୟ ଲୋକ ରହୁଛନ୍ତି । ପିଲାମାନେ ସାଙ୍ଗରେ ଯାଉଛନ୍ତି । ଅନେକ ଗାଆଁଗଣ୍ଡା ଶୁନଶାନ୍ ହୋଇଯାଉଛି । ଏପରିକି ସେଇ ଗାଆଁମାନଙ୍କରେ କୁଆ ଉଡୁ ନାହାନ୍ତି । ଘରଦ୍ୱାର ସବୁ ବନ୍ଦ କରାଯାଉଛି । ଏପରି କ୍ଷେତ୍ରରେ ସପରିବାର ଯାଉଥିବା ଦାଦନ ଶ୍ରମିକମାନେ ନିଜ ପରିବାରର ସୁରକ୍ଷା ଦିଗରେ ବିଶେଷ କରି ମହିଳା ଏବଂ ଶିଶୁମାନଙ୍କୁ ଅଧିକ ସୁରକ୍ଷିତ ରଖିବା ନିମନ୍ତେ ମିଳିତ ଉଦ୍ୟମ କରନ୍ତୁ । ଗୋଟିଏ ଗାଆଁର ଲୋକ କିମ୍ବା ଗୋଟିଏ ଅଞ୍ଚଳର ଲୋକ ଏକାଠି ରହନ୍ତୁ । ବିପଦଆପଦରେ ମିଳିମିଶି ରହିଲେ ଅଧିକ ସୁରକ୍ଷା ମିଳିବ । ସୁବିଧା କରି ଶିଶୁମାନଙ୍କୁ ପାଠ ପଢ଼ାଇବାର ବନ୍ଦୋବସ୍ତ କରନ୍ତୁ । ନହେଲେ ସେମାନଙ୍କର ଭବିଷ୍ୟତ ଅନ୍ଧକାର ହୋଇଯିବ ।

## ୧.୭. ଉପକୂଳ ଅଞ୍ଚଳର ଦାଦନ ଶ୍ରମିକ

ଓଡ଼ିଶାର ପୂର୍ବ ଉପକୂଳରେ ଚିଲିକା ହ୍ରଦଅବସ୍ଥିତ। ଏଠାକୁ ଶୀତ ଋତୁରେ ଦେଶ ବିଦେଶରୁ ବହୁ ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ଆସନ୍ତି। ଶୀତ ଦିନପରେ ଫେରିଯାଆନ୍ତି। କିନ୍ତୁ ତାର ଉପକୂଳରେ ଥିବା ଶ୍ରମିକମାନେ ଅନ୍ୟ ରାଜ୍ୟକୁ ଖାଦ୍ୟ ସଂଗ୍ରହ ନିମନ୍ତେ କାମ କରିବାକୁ ଶୀତ ଋତୁରେ ଚାଲିଯିବା ପ୍ରକୃତିର ଏକ ବିଚିତ୍ର ଲୀଳା। ଉପକୂଳର ଏହି ଶ୍ରମିକମାନେ ମୁଖ୍ୟତଃ ଏକାକି ଯାଆନ୍ତି। ତାଙ୍କର ସାଙ୍ଗରେ ହୁଏତ ସାଥିସଙ୍ଗାତ, ଭାଇ, ବାପା କିମ୍ବା ବନ୍ଧୁ ବାନ୍ଧବ ଯାଇଥାନ୍ତି। ଏମାନେ ସପରିବାର ଯାଆନ୍ତି ନାହିଁ।

ଉପକୂଳ ଅଞ୍ଚଳର ଦାଦନ ଶ୍ରମିକଙ୍କୁ ମୁଖ୍ୟତଃ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଅଞ୍ଚଳର ଠିକାଦାରମାନେ ସଂଗ୍ରହ କରି ଚାଲାଣ କରନ୍ତି। ସେମାନେ ସାଧାରଣତଃ ଖଣ୍ଡାୟତ ବଂଶୀୟ। ଏମାନଙ୍କର ବାପ ଅଜାମାନେ ସିପାହୀ ହୋଇ ରାଜାଙ୍କର ସୈନ୍ୟ ଚାଳନା କରୁଥିଲେ। ତାଙ୍କର ଦାୟାଦମାନେ ଏବେ ମଣିଷ ଚାଲାଣ କରୁଛନ୍ତି।

## ୧.୮. ରାଜ୍ୟ ସରକାର ଦାଦନ ଶ୍ରମିକମାନଙ୍କ ପାଇଁ କ'ଣ କରୁଛନ୍ତି ?

ରାଜ୍ୟ ସରକାର ପ୍ରବାସିକ ଦାଦନ ଶ୍ରମିକମାନଙ୍କ ମଙ୍ଗଳ ପାଇଁ ଶ୍ରମ ବିଭାଗ ଜରିଆରେ ଯଥା ସମ୍ଭବ କାର୍ଯ୍ୟ କରୁଛନ୍ତି। ଦାଦନ ଶ୍ରମିକ ଭାବେ ଆମ ରାଜ୍ୟର ଲୋକମାନେ ଅନ୍ୟ ରାଜ୍ୟକୁ ଯିବାକୁ ବାରଣ କରିବା ସମ୍ବିଧାନ ସମ୍ମତ ନୁହେଁ ଅନ୍ୟ ରାଜ୍ୟକୁ ଯାଇ ଅଧିକ ଉପାର୍ଜନ କିମ୍ବା ନିୟମିତ ରୋଜଗାର କରିବାରେ ବହୁତ ସଫଳ ଅଛି। ମାତ୍ର ସେ ସବୁ ସୁବିଧା ଯଦି ଆମ ରାଜ୍ୟରେ ଥାଆନ୍ତା ଆମ ଲୋକମାନେ କାହିଁକି ବାହାର ରାଜ୍ୟକୁ ଯାଆନ୍ତେ ବୋଲି ହୁଏତ ପ୍ରଶ୍ନ ଉଠିପାରେ। ପୁଣି ଅନ୍ୟ ରାଜ୍ୟକୁ ଯାଇ ନାନା ପ୍ରକାର ହଇରାଣ ହରକତର ଶିକାର ହେବା ଅତ୍ୟନ୍ତ ଦୁଃଖର କଥା।

ଦାରିଦ୍ର୍ୟ ଦୂରୀକରଣ ଯୋଜନା ଅନ୍ତର୍ଭୁକ୍ତ ଅନେକ ବ୍ୟବସ୍ଥା ସରକାରଙ୍କ ତରଫରୁ ଗାଁ ଗହଳରେ କାର୍ଯ୍ୟକାରୀ ହେଉଛି। ଟିରୋଟ ସମୟରେ ମଧ୍ୟ ଖାଦ୍ୟପାଇଁ କାମ ଯୋଜନା କାର୍ଯ୍ୟକାରୀ ହେଉଛି। ଏଗୁଡିକ ପରିମାଣରେ ନଭେମ୍ବର ମାସରୁ ଆରମ୍ଭ କରିଦେଲେ ହୁଏତ ଗ୍ରାମାଞ୍ଚଳର ଲୋକମାନେ ବାହାର ରାଜ୍ୟକୁ ଯିବାଟା କିଛି ପରିମାଣରେ କମି ଯାଆନ୍ତା। ଅଧିକ ମଜୁରି ପାଇଁ ପାଇଁ ବାହାର ରାଜ୍ୟକୁ କିଛି ଲୋକ ଅବଶ୍ୟ ଯିବେ, ସେଥିରେ କିଛି ଅସୁବିଧା ନାହିଁ। ସରକାରଙ୍କ ତରଫରୁ ଗାଁ ଗହଳରେ କାମ ଆରମ୍ଭ ହେବ ବୋଲି ଅନେକ ଲୋକ ଜାଣୁ ନାହାନ୍ତି। ଏଥି ନିମନ୍ତେ ଜନ ସଚେତନତା ଆବଶ୍ୟକ।

ରାଜ୍ୟ ଶ୍ରମ ବିଭାଗ ଅଧିନରେ ଥିବା ଜିଲ୍ଲା ଶ୍ରମ ଅଫିସରମାନେ ଦାଦନ ଶ୍ରମିକ ସଂଗ୍ରହ ନିମନ୍ତେ ଠିକାଦାର ମାନଙ୍କୁ ଆଇନ ଅନୁସାରେ ଲାଇସନସ ବା ଅନୁମତି ପତ୍ର ପ୍ରଦାନ କରନ୍ତି। ଏହି ଲାଇସେନସ ପ୍ରତିବର୍ଷ ନବୀକରଣ ହୁଏ। ବିନା ଲାଇସେନସରେ ଦାଦନ ଶ୍ରମିକ ସଂଗ୍ରହ କରିବା ଏକ ଆଇନଗତ ଅପରାଧ। ଏଣୁ ବିନା ଲାଇସେନସରେ ଶ୍ରମିକ ସଂଗ୍ରହ କରି ଅନ୍ୟ ରାଜ୍ୟକୁ ଶ୍ରମିକ ପଠାଇବା ଅଭିଯୋଗରେ ଠିକାଦାରଙ୍କ ବିରୁଦ୍ଧରେ ମୋକଦ୍ଦମା ରୁଜୁ କରାଯାଏ। ଏପରି ଅଭିଯୋଗ ଶ୍ରମ ଅଫିସରମାନେ ପରିଦର୍ଶନ ସମୟରେ ଜାଣିବାକୁ ପାଇଲେ କିମ୍ବା ବ୍ୟକ୍ତି ବିଶେଷଙ୍କ ଠାରୁ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ସେହି ବିଷୟରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି।

ଦାଦନ ଶ୍ରମିକମାନଙ୍କ ବାକିଆ ପାଉଣା ଆଦାୟ ସଂପର୍କିତ ଦରଖାସ୍ତ ପାଇଲେ ତାହା ତଦନ୍ତ କରି ଶ୍ରମ ଅଫିସରମାନେ ସଂପୃକ୍ତ ଠିକାଦାରଙ୍କଠାରୁ ତାହା ଆଦାୟ କରିବା ନିମନ୍ତେ ବ୍ୟବସ୍ଥା କରନ୍ତି ଏବଂ ଆବଶ୍ୟକ ହେଲେ ଦାବୀ ମୋକଦ୍ଦମା ଦାଏର କରନ୍ତି ।

ଦାଦନ ଶ୍ରମିକମାନଙ୍କ ବାକିଆ ପାଉଣା ଆଦାୟ ସଂପର୍କିତ ଦରଖାସ୍ତ ପାଇଲେ ତାହା ତଦନ୍ତ କରି ଶ୍ରମ ଅଫିସରମାନେ ସଂପୃକ୍ତ ଠିକାଦାରଙ୍କ ଠାରୁ ତାହା ଆଦାୟ କରିବା ନିମନ୍ତେ ବ୍ୟବସ୍ଥା କରନ୍ତି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ।

ଦାଦନ ଶ୍ରମିକ ତଥା ଠିକାଦାର ମାନଙ୍କୁ ସେମାନଙ୍କର ଆଇନଗତ ସୁରକ୍ଷା ତଥା ସୁବିଧା ସଂପର୍କରେ ଶ୍ରମ ବିଭାଗର ଅଫିସରମାନେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରନ୍ତି ।

### ୧.୯. ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ କ'ଣ କରନ୍ତି ?

ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଦାଦନମାନଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଗାଁ ଗହଳରେ ଆତ୍ମନିଯୁକ୍ତି ଯୋଜନାର ରୂପାୟନ କରନ୍ତି । ଜଳ ଅମଳ ପ୍ରକଳ୍ପ ଏବଂ ଅର୍ଥକାରୀ ଫସଲ ଆଦାୟ ସଂପର୍କରେ କୃଷକମାନଙ୍କୁ ସଚେତନ କରନ୍ତି । ସେମାନଙ୍କ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ।

### ୧.୧୦. ଶେଷ କଥା

ଦାଦନ ଶ୍ରମିକମାନଙ୍କର ଅନେକ ସମସା ରହିଛି । ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ କାମ କରିବାକୁ ଗଲେ ସମସ୍ୟା ଉପୁଜିବ ତାର ସମାଧାନ କରିବା ନିମନ୍ତେ ଦାଦନ ଶ୍ରମିକ ନିଜେ ସଚେତନ ହୁଅନ୍ତୁ । ସମସ୍ତ ସରକାରୀ ଏବଂ ବେସରକାରୀ ସ୍ତରରେ ଏଥିପ୍ରତି ଦୃଷ୍ଟି ଦିଆଗଲେ ସମସ୍ୟା ହୋଇ କିଛି ରହିବ ନାହିଁ ।

ଦାଦନ ଶ୍ରମିକମାନଙ୍କ ଅବଗତି ନିମନ୍ତେ ଏକ କବିତା ରଚନା କରାଯାଇ ରାଜ୍ୟ ଶ୍ରମ ସଂସ୍ଥାନ ତରଫରୁ ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗିର, ନୂଆପଡା, ବୌଦ୍ଧ ଏବଂ କଳାହାଣ୍ଡି ଜିଲ୍ଲାମାନଙ୍କରେ ୧୯୯୯ ମସିହାରେ ବଣ୍ଟା ଯାଇଥିଲା । ତାର ଏକ ନକଲ ଏଥିସହ ଦିଆଗଲା ।

**ରାଜ୍ୟ ଶ୍ରମ ସଂସ୍ଥାନ**

**ଭୁବନେଶ୍ୱର**

# ଦାଦନ ଶ୍ରମିକର ଦୁଃଖ !
# ରାଜ୍ୟ ସରକାରଙ୍କ ପ୍ରତିକାର ବ୍ୟବସ୍ଥା

ସୁବାସ ସିଂହ

ଦାଦନ ଶ୍ରମିକର ଦୁଃଖ ! ରାଜ୍ୟ ପାଇଁ ଏକ ବଡ଼ ଆହ୍ୱାନ । ଓଡ଼ିଶାରୁ ଲକ୍ଷାଧିକ ଶ୍ରମିକ ପ୍ରତିବର୍ଷ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଉଛନ୍ତି । ଶ୍ରମ ବିଭାଗ ପକ୍ଷରୁ ସବୁ ଉଦ୍ୟମ ସତ୍ତ୍ୱେ ନା ଶ୍ରମିକ କିମ୍ବା ଠିକାଦାର ଅନ୍ୟ ରାଜ୍ୟକୁ ଯିବା ପୂର୍ବରୁ ଶ୍ରମ ବିଭାଗରେ ନିଜ ନାମ ପଞ୍ଜିକୃତ କରିବା ଏବଂ ସଂପୃକ୍ତ ଠିକାଦାର ଲାଇସେନ୍‌ସ କରି ଆଇନଗତ ପରିସର ଭିତରକୁ ଆସୁ ନାହାନ୍ତି । ଯାହା ଫଳରେ ରାଜ୍ୟ ସରକାର ଓ ଶ୍ରମ ବିଭାଗ ପାଖରେ ଦାଦନ ଶ୍ରମିକଙ୍କର ପୂର୍ଣ୍ଣାଙ୍ଗ ତଥ୍ୟ ମିଳିପାରୁ ନାହିଁ । ଏହି ଦାଦନ ଶ୍ରମିକମାନେ ଯାଗା ଯାଗାରେ କର୍ମ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ଏବଂ ଆକ୍ରମଣ ଶୀକାର ହେଉଛନ୍ତି ।

ଠିକାଦାରମାନେ ଲୁଚାଇ ଏହି ଶ୍ରମିକମାନଙ୍କୁ ବିଭିନ୍ନ ବାଟରେ ଅନ୍ୟ ରାଜ୍ୟକୁ ନେବାକୁ ଚେଷ୍ଟା କରୁଛନ୍ତି । ଏଥିରେ ଏକ ବଡ଼ ର‌୍ୟାକେଟ କାମ କରୁଛନ୍ତି ।

ଗତବର୍ଷ ୨୦୧୪ ଡିସେମ୍ବର ମାସରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏକ ପ୍ରସ୍ତାବ ଗୃହିତ କରିବା ପରେ ନିର୍ମାଣ ସହିତ ସଂପୃକ୍ତ ଦାଦନ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଏକ ଆଇନଗତ ବ୍ୟବସ୍ଥା କରାଯାଇ ପାରିବ । ଯାହାକି ଭାରତ ବର୍ଷରେ ଆମ ରାଜ୍ୟ ପ୍ରଥମ । ଅନ୍ୟ ରାଜ୍ୟରେ କାମ କଲେ ବି ସେ ଯଦି ନିର୍ମାଣ ଶ୍ରମିକ ହୋଇଥିବେ ତେବେ ଓଡ଼ିଶାର ନିର୍ମାଣ ଶ୍ରମିକ ପାଉଥିବା ସମସ୍ତ ସୁବିଧା ସୁଯୋଗ ସେମାନେ ବି ପାଇପାରିବେ । ରାଜ୍ୟ ସରକାର କଲ୍ୟାଣ ବୋର୍ଡ ପ୍ରସ୍ତାବ ଅନୁମୋଦନ କଲାପରେ ଏହା ଏକ ଆଇନରେ ପରିଣତ ହୋଇପାରିବ । ୨୦୧୫ ଜାନୁଆରୀ ୧ ତାରିଖ ରୁ ୧୫ ତାରିଖ ପର୍ଯ୍ୟନ୍ତ ଆମେ ଏକ ୧୦ ଜଣିଆ ଟିମ୍ ତେଲେଙ୍ଗାନା ରାଜ୍ୟକୁ ଯାଇଥିଲୁ । ସେଠାରେ ଆମେ କରିମ୍ ନଗର, ରଙ୍ଗା ରେଡ଼ି ପ୍ରଭୃତି ୪ଟି ଜିଲ୍ଲାରେ ଇଟା ଭାଟିରେ କାର୍ଯ୍ୟ କରୁଥିବା ଲକ୍ଷାଧିକ ଓଡ଼ିଆ ଶ୍ରମିକମାନଙ୍କ ତଥ୍ୟ ପାଇଁ ଯୋଗାଯୋଗ କରିଥିଲୁ । ତେଲେଙ୍ଗାନା ରାଜ୍ୟ ସରକାର ଓ ଶ୍ରମିକ ବିଭାଗ ଆମକୁ ପୂର୍ଣ୍ଣ ସହାୟତା ପ୍ରଦାନ କରିଥିଲେ । ଆମେ ୧୫ ଦିନ ମଧ୍ୟରେ ୧୫ ଶହ ୩୫ ଜଣ ଶ୍ରମିକଙ୍କୁ ଓଡ଼ିଆ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରିଥିଲୁ ।

ସେହି ୧୫ ଦିନ ମଧ୍ୟରେ ଆମ ସାଙ୍ଗରେ ଯାଇଥିବା ଜିଲ୍ଲା ଶ୍ରମ ଅଧିକାରୀ ଓ ଅନ୍ୟ ଶ୍ରମ ବିଭାଗ ଅଧିକାରୀ, ବଲାଙ୍ଗିର କିଶନ ଶ୍ରମିକ ନେତା ମଧ୍ୟ ଆମ ଟିମ୍‌ରେ ଯାଇଥିଲେ । ଆମେ ଦେଖିଲୁ ବହୁ ମହିଳା ଶ୍ରମିକ ଛୋଟ ଛୁଆଙ୍କୁ ସାଙ୍ଗରେ ଧରି କାମ କରୁଛନ୍ତି । ଏପରିକି ଗର୍ଭବତୀ ମହିଳା ମଧ୍ୟ କରିମ ନଗର ଜିଲ୍ଲାର ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ବିପଦଜନକ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି ।

ତେଲେଙ୍ଗାନା ସରକାର ଓ ଓଡ଼ିଆ ସରକାର ମିଳିତ ଭାବେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ପରେ ଏହି ଶ୍ରମିକମାନଙ୍କ ରହିବା, ପିଇବା ପାଣି, ଏପରିକି ୧୧୯ଟି ଓଡ଼ିଆ ସ୍କୁଲ ଇଟାଭାଟି ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି । ଯାହା ଆମେ ଦେଖି ଖୁସି ହେଲୁ ।

ତେଲେଙ୍ଗାନାରୁ ଫେରିବା ପରେ ପୁନର୍ବାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପରେ ଓଡ଼ିଶା କଲ୍ୟାଣ ବୋର୍ଡ ଦ୍ୱାରା ପରିଚୟ ପତ୍ର ନଥିଲେ ବି ଅନ୍ୟ ରାଜ୍ୟରେ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କ ଦୁର୍ଘଟଣା ମୃତ୍ୟୁ ପାଇଁ ଏକ ଲକ୍ଷ ଟଙ୍କା ଓ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ସହାୟତା ଦେବାକୁ ନିଷ୍ପତି ନିଆଯାଇଛି ।

ଆମ ଯୋଜନା ରହିବ ନିର୍ମାଣ କ୍ଷେତ୍ରରେ କାମ କରୁଥିବା ବହୁ ଶ୍ରମିକ ଦିଲ୍ଲୀ, କେରଳ, ଚେନ୍ନାଇ,ବାଙ୍ଗାଲୋର, ଆନ୍ଧ୍ରପ୍ରଦେଶରେ କାର୍ଯ୍ୟ କରୁଛନ୍ତି । ଆମେ ସ୍ୱତନ୍ତ୍ର ଟିମ୍ ଓଡ଼ିଶାରୁ ଯାଇ ସେମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ ପଞ୍ଜିକୃତ କରିବାକୁ ସ୍ଥିର କରିବୁ ।

ଓଡ଼ିଶାରୁ ଦାଦନ ଶ୍ରମିକ ଯାଉଥିବା ସମୟରେ ILO ଓ ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ମିଳିତ ଭାବେ ସଂପୃକ୍ତ ଜିଲ୍ଲାଗୁଡିକରେ ଆଲୋଚନା ଚକ୍ର ଓ ପ୍ରଚାର ଅଭିଯାନ ନିଆଯାଇ ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡଗୁଡିକରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ପଞ୍ଜିକୃତ କରାଯାଇ ପାରିବ ଓ ସେହି ଦାଦନ ଶ୍ରମିକମାନେ ସୁରକ୍ଷାର ବଳୟ ଭିତରକୁ ଆସିପାରିବେ । ରାଜ୍ୟ ସରକାର ସଂପୃକ୍ତ ଜିଲ୍ଲା ମାନଙ୍କରେ କୃଷି ଉତ୍ପାଦନ ପାଇଁ ବିଶେଷ ଜଳସେଚନ, ଦୋଫସଲି ପନିପରିବା ଚାଷ, କୁକୁଡା, ଦୁଗ୍ଧ ଜାତୀୟ ଖାଦ୍ୟ ଉତ୍ପାଦନ ଉପରେ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରୁଛନ୍ତି । ଯାହା ଫଳରେ ଦାଦନ ଶ୍ରମିକମାନଙ୍କ ସଂଖ୍ୟା ନିଶ୍ଚିତ ରୂପେ କମି ପାରିବ ।

ସୁବାସ ସିଂ, ଅଧ୍ୟକ୍ଷ

ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ

ଭୁବନେଶ୍ୱର

# ଆର୍ଯ୍ୟନ୍ ଲାମାର ସ୍ୱପ୍ନ

**ସୌରୀବଂଧୁ କର**

ଆର୍ଯ୍ୟନ୍ ଲାମା ସ୍ୱପ୍ନ ଦେଖୁଥିଲା । ତରୁଣ ଆର୍ଯ୍ୟନ୍ ଲାମା । କେତେ ଯେ ବୟସ । ଏପର୍ଯ୍ୟନ୍ତ ସାବାଳକ ହୋଇନି । ତଥାପି ତାକୁ କାମ କରିବାକୁ ହେଉଛି । ୧୭ ବର୍ଷ ବୟସରେ ତାଁ ପିଠି ଉପରେ ଅନେକ ବୋଝ । ମା'ତାକୁ ଛାଡି ଆଉ କାହା ସହିତ ଚାଲିଯାଇଛି । ହେତୁ ପାଇବା ବେଳକୁ ସେ ବାପକୁ ଦେଖିନି । ନେପାଳର ପାହାଡିଆ ଅଞ୍ଚଳରେ ଧିରେ ଧିରେ ବଡ଼ ହୋଇଛି । ବଞ୍ଚିବା ପାଇଁ ଗାଡ଼ିରେ କେତେଦିନ ହେଲପର ଥିଲା । ଏବେ ଡ୍ରାଇଭର ହୋଇଛି । ନେପାଳର କାକରଭିଟା ଅଞ୍ଚଳରେ ଗାଡ଼ି ଚଳାଉଛି । ମନରେ ଅସୁମାରୀ ସ୍ୱପ୍ନ । ବାହା ହେବ ତାର ପ୍ରାଣର ପ୍ରିୟା ରୋଶନୀକୁ । ବାପ ଛେଉଣ୍ଡ ରୋଶନୀ । ଯା ଘରେ ତା' ଘରେ କାମ କରି ମା'ରପେଟ ପୋଷୁଛି ।

ଦିନେ ରୋଶନୀ ପଚାରିଲା, "ହଇରେ ଆର୍ଯ୍ୟନ୍ ! ତୁ ମୋତେ ବାହା ହେବୁଟି । ମୁଁ ତ ତୋ ପାଖରେ ମୋ ଯୌବନକୁ ସମର୍ପି ଦେଇଛି । କିନ୍ତୁ ମୋତେ ଡର ଲାଗୁଛି । ଏତେ ଅଭାବଟଙ୍କାରେ ଆମେ ଚଳିବା କେମିତି ? ଚାଲ୍, ଏଠୁ ଭାରତକୁ ଚାଲିଯିବା । ସେଠି ଦି'ଜଣ ଯାକ କାମ ଖୋଜିବା । ପରିଶ୍ରମ କରିବା, ଭଲରେ ବଞ୍ଚିବା ।

ତା' କଥା ଶୁଣି ହସିଲା ଆର୍ଯ୍ୟନ୍ । ରୋଶନୀ ଗାଲରେ ହାତର ମୃଦୁ ସ୍ପର୍ଶ ଦେଇ କହିଲା, 'ହଁ ଲୋ, ତୁ ସତ କହିଛୁ । ଆମକୁ ଅଧିକ ରୋଜଗାର କରିବାକୁ ହେବ । ମୁଁ ମଧ୍ୟ ମନେ ମନେ ସେଇଆ ସ୍ଥିର କରିଛି । ବଞ୍ଚିବା ପାଇଁ ଆମକୁ ପରିଶ୍ରମ କରିବାକୁ ହେବ ।ଆମର ତ ଏଠାରେ କେହି ନାହାନ୍ତି । ଘରଦ୍ୱାର ନାହିଁ । ଭାରତକୁ ଚାଲିଯିବା । ବଡ଼ ଭଲ ଦେଶ ଭାରତ ବୋଲି ମୁଁ ଶୁଣିଛି । ସେଠି ଆମ ଦୁଇଜଣଙ୍କୁ ଅନେକ କାର୍ଯ୍ୟ ମିଳିଯିବ ।'

ମନପୂରାଇ ସେଦିନ ହସିଥିଲେ ଦୁହେଁ । ଏକ ନୂତନ ଜୀବନ ବଞ୍ଚିବାର ମୋହ ସେମାନଙ୍କୁ ଆଚ୍ଛନ୍ନ କରିଥିଲା ।

ଦିନ ସ୍ଥିର କରି ଘରୁ ବାହାରି ପଡିଲେ ଦୁହେଁ । ଆର୍ଯ୍ୟନ୍ ଓ ରୋଶନୀ । ପାଖରେ ଅଳ୍ପ କିଛି ଚଳିବା ପାଇଁ ଲୁଗାପଟା ଓ ସାମାନ୍ୟ ଅର୍ଥ । ଉତ୍ତର ପଶ୍ଚିମ ସିଲିଗୁଡ଼ିରେ ପହଞ୍ଚିଲେ ସେମାନେ । ବସ୍‌ରେ ପରସ୍ପରକୁ ଜାବୋଡ଼ି ଧରି ଅନେକ ସ୍ୱପ୍ନ ଦେଖୁଥିଲେ ଦୁହେଁ । ଅନାଗତ ଭବିଷ୍ୟତର ସ୍ୱପ୍ନ, ବଞ୍ଚିବାର ସ୍ୱପ୍ନ ।

ସିଲିଗୁଡ଼ିରେ ଦେଖାହେଲା ରାମେୟା ସହତ । ବୟସ୍କ ଓ ଅଭିଜ୍ଞ ବ୍ୟକ୍ତି ପରି ଜଣାପଡୁଥିଲା । ରାମେୟା ଆର୍ଯ୍ୟନ୍ ସହିତ କଥାବାର୍ତ୍ତା କରି ତାର ଦୁଃଖଭରା କାହାଣୀ ଜାଣିବାକୁ ପାଇଲା । ଦୁଃଖି ଓ ନିସାହାରା ମଣିଷଟିଏ ସବୁବେଳେ ଚାହେଁ ଅନ୍ୟଠାରୁ ସମବେଦନା, ସହାନୁଭୂତି ଓ ସାହାଯ୍ୟ ପାଇବାକୁ । ସେ ଯେପରି ଅନୁଭବ କରୁଥିଲା ରାମେୟା ଭିତରେ ମାନବିକତା ରହିଛି । ସେ ତାକୁ ସାହାଯ୍ୟ କରିପାରିବ । ସବୁଦିନେ ପାର୍କର ଏକଣା କୋଣରେ ଆର୍ଯ୍ୟନ୍ ଭେଟୁଥିଲା ରାମେୟାକୁ । ସପ୍ତାହେ ବିତିଯାଇଥିଲା । ଆର୍ଯ୍ୟନ୍ ପାଖରେ ଥିବା ଅର୍ଥ କ୍ରମଶଃ ଶେଷ ହେବାରେ ଲାଗୁଥିଲା । ସେ ଦିନେ କହିଲା, 'ରାମେୟା ଭାଇ, 'ମେରେ ଲିୟେ ଓ ମେରେ ପତ୍ନୀ ରୋଶନୀକେ ଲିୟେ କୁଛ୍ କାମ୍ ଦିଲାଦିଜିୟେନା ।'

ରାମେୟା ଯେମିତି ଏଇ କଥାକୁ ଅପେକ୍ଷା କରିଥିଲା । ଶିକାରୀ ଜାଲରେ ମନକୁ ମନ ହରିଣ ପ୍ରବେଶ କରୁଛି । ଏହାହିଁ ସବୁଠାରୁ ବଡ଼ ସୁଯୋଗ ବୋଲି ବିଚାର କରି ପ୍ରଥମେ ରାମେୟା ଅମଙ୍ଗ ହେଲା । ଆର୍ଯ୍ୟନ୍ ଆଖିର କରୁଣା ଚାହାଣୀକୁ ଲକ୍ଷ୍ୟ କରି ସେ କହିଲା, 'ଆର୍ଯ୍ୟନ୍ ! ତୋର ଦୁଃଖ ଦେଖି ମୋ ହୃଦୟ ଫାଟି ପଡୁଛି । ମୁଁ ତୋତେ କାମରେ ଲଗାଇଦେବି । ଏଠି ନୁହେଁ । ମୋ ରାଜ୍ୟ ଦକ୍ଷିଣ ଭାରତର ତାମିଲନାଡୁରେ । ତୁ ଯଦି ମୋ ସହିତ ଯିବାକୁ ରାଜି ହେବୁ । ତେବେ ରୋଶନୀ ଓ ତୋ ପାଇଁ କାମ ବ୍ୟବସ୍ଥା କରିବାର ଦାୟିତ୍ୱ ମୋର ।'

ନିଜ ଦୁର୍ଭାଗ୍ୟର ଭଉଁରୀ ଭିତରେ ପଶିଗଲା ଆର୍ଯ୍ୟନ୍। ସିଲିଗୁଡ଼ି ଛାଡିବା ବେଳେ ଆର୍ଯ୍ୟନ୍ ରୋଶନୀକୁ କହିଲା, "ଯେଉଁଠି କାମ ପାଇବା, ଭଲ ପଇସା ପାଇବା, ସେଇଠି ଖାଇପିଇ ବଞ୍ଚିବା। ରାମେୟାବାବୁ ବେଶ୍ ଭଲଲୋକ୍। ସେ ନିଶ୍ଚେ ଆମକୁ ଉତ୍ତମ ସ୍ଥାନରେ କାର୍ଯ୍ୟରେ ଲଗାଇଦେବେ।' ରୋଶନୀକେବଳ ତା' କଥାରେ ହଁ ଭରିଥିଲା। ପରସ୍ପରକୁ ଭଲ ପାଇଁ ସେମାନେ ବାହା ହୋଇଛନ୍ତି। ଜୀବନତମାମ ସୁଖ ଦୁଃଖରେ ବଞ୍ଚିବେ।

ତା'ପରଦିନ ଆରମ୍ଭ ହେଲା ସେମାନଙ୍କର ଟ୍ରେନ୍‌ଯାତ୍ରା ରାମେୟା ସହିତ। ସେମାନେ ରାମେୟାର ଛନ୍ଦକପଟ ଜାଣି ନଥିଲେ। ମଣିଷ ମନର ବିଚିତ୍ର ସ୍ୱଭାବକୁ ଜାଣିବା ସେମାନଙ୍କ ଅଭିଜ୍ଞତାର ବାହାରେ ଥିଲା। କିନ୍ତୁ ରାମେୟା ମନେ ମନେ ବେଶ୍ ଖୁସିଥିଲା। ମୋଟା ଅଙ୍କ ପ୍ରାପ୍ତିର ଆଶାରେ ତା' ହୃଦୟ ଆନନ୍ଦରେ ପୂରି ଯାଇଥିଲା। ଅତିକମ୍‌ରେ ପଞ୍ଚାଶହଜାର ଟଙ୍କା ମିଳିଯିବ। ବର୍ଷକୁ ଏଇମିତି ଆଠ / ଦଶଟି ଲୋକ ମିଳିଗଲେ ବର୍ଷକର ଆୟ ହୋଇଯିବ।

ରାମେୟା ଥିଲା ମଣିଷ ବେପାରୀ। ନିରୀହ, ଦୁଃଖି, ନିରାଶ୍ରୟ ଲୋକମାନଙ୍କୁ ଛଳକପଟରେ ବିଭିନ୍ନ ସ୍ଥାନରୁ ଆଣି ଅନେକ ସ୍ଥାନରେ ସେମାନଙ୍କୁ ବିକି ଦେଇ ହାତ ଚିକ୍କଣ କରେ। ଏହି କାର୍ଯ୍ୟରେ ଓସ୍ତାଦ୍ ହୋଇଗଲାଣି ସେ। ଦୁନିଆ ବଦଳିଯିବା ସହିତ ବଜାର ପ୍ରଭାବ କ୍ରମଶଃ ବଢ଼ି ଚାଲିଛି ଏବଂ ବଜାର ସହିତ ତାଳଦେଇ ଚାଲିଛି ତା'ର ବ୍ୟବସାୟ।

ମଣିଷ ବିକ୍ରୀର ସାମ୍ରାଜ୍ୟ କେବଳ ଭାରତ ଭୂଖଣ୍ଡ ନୁହେଁ, ବିଶ୍ୱର ସବୁ ରାଷ୍ଟ୍ରକୁ ବ୍ୟାପି ଯାଇଛି। ସେ ସେହି ସାମ୍ରାଜ୍ୟର ଜଣେ ତଳିଆ କର୍ମଚାରୀ ମାତ୍ର।

ଦିଲ୍ଲୀ ବାଟ ଦେଇ ଟ୍ରେନ୍ ଲାଗିଲା ଚେନ୍ନାଇ ସହରକୁ। ସେଠାରୁ ଅନ୍ୟ ଏକ ଟ୍ରେନ୍‌ରେ ଯାତ୍ରା କଲେ ସେମାନେ। ଆର୍ଯ୍ୟନ୍ ଯେମିତି ନିଶ୍ଚିନ୍ତ ମନରେ ବସିଥାଏ ଆଗାମୀ ଭବିଷ୍ୟତର ସୁଖର ଦିନଗୁଡ଼ିକ କଥା ଚିନ୍ତା କରି।

ଭେଲୋର ଜିଲ୍ଲାର ତିରୁପତୁରଠାରେ ଓହ୍ଲାଇଲେ ସେମାନେ। ରାମେୟା ଅଟୋରେ ସେମାନଙ୍କୁ ନେଇ ପହଞ୍ଚିଲା ଏକ ଅଗରବତୀ ଫ୍ୟାକ୍ଟ୍ରୀରେ।

ଆର୍ଯ୍ୟନ୍ ଓ ରୋଶନୀ ଫ୍ୟାକ୍ଟ୍ରୀ ମଧ୍ୟକୁ ପ୍ରବେଶ କଲେ। ରାମେୟା ସେମାନଙ୍କୁ ଭିତରକୁ ନେଇ ନୂଆଣିଆଁ ଘରଟିଏ ଦେଖାଇଦେଲା ରହିବା ପାଇଁ। ଫ୍ୟାକ୍ଟ୍ରୀର ପରିଚାଳକକୁ ସେମାନଙ୍କୁ ଚିହ୍ନାଇ ଦେଲା ଓ ଆର୍ଯ୍ୟନ୍‌କୁ କହିଲା, 'ତୁମେ ଓ ରୋଶନୀ ଏଠାରେ ଚାକିରି କରିବ। ଭଲ ପଇସା ପାଇବ। ମୁଁ ଯାଉଛି।'

କୃତକୃତ୍ୟ ହୋଇଗଲା ଆର୍ଯ୍ୟନ୍।

କିନ୍ତୁ ତା' ପାଇଁ ଭବିଷ୍ୟତ ଯେ ଅନ୍ଧକାର ସେ କଥା ସେ ଜାଣିନଥିଲା। ଏକ ଅନ୍ଧ ସୁଡ଼ଙ୍ଗ ମଧରେ ପ୍ରବେଶ କଲା ନିଜ ଅଜାଣତରେ ଯେଉଁଠାରୁ ବାହାରିବାର ବାଟ ନଥିଲା।

ଫ୍ୟାକ୍ଟ୍ରୀ ବାହାରକୁ ଯିବାର ଉପାୟନଥିଲା। ସେ ମଧ କାହା ସହିତ କଥା ହୋଇ ପାରୁନଥିଲା। କାରଣ ତାକୁ ଭାଷା ଜଣାନଥିଲା।

ଏଇମିତି ସପ୍ତାହେ ବିତିଗଲା। ଫ୍ୟାକ୍ଟରୀରେ ହାଡଭଙ୍ଗା ଖଟଣି।

କିନ୍ତୁ ରୋଶନୀ ମୁହଁକୁ ଚାହିଁ ସେ ଭୁଲିଯାଏ ସବୁ ଦୁଃଖ। ପରସ୍ପର ସୁଖଦୁଃଖରେ କାମ କରି ସମୟ କଟାନ୍ତି।

ହଠାତ୍ ଦିନେ ଦେଖିଲା ରୋଶନୀ ନାହିଁ। ଫ୍ୟାକ୍ଟ୍ରୀ ସାରା ଖୋଜିଲା, ସମସ୍ତଙ୍କୁ ପଚାରିଲା। କେହି ରୋଶନୀର ଖବର ତାକୁ ଦେଲେନି। ଯାହାକୁ ନେଇ ସେ ଏତେ ସ୍ୱପ୍ନ ଦେଖିଥିଲା, ଯାହାକୁ ସୁଖରେ ରଖିବା ପାଇଁ ସେ ସୁଦୂର ନେପାଳ ଛାଡି ଭାରତର ଦକ୍ଷିଣ ପ୍ରାନ୍ତରରେ ଆସି ଏଇ ଅଜଣା ଅଶୁଣା ଜାଗାରେ ପହଞ୍ଚିଲା, ସେ ତା' ପାଖରେ ନାହିଁ। କେହି ତା ବିଷୟରେ କିଛି କହୁ ନାହାନ୍ତି।

ଦିନରାତି ଚିନ୍ତାରେ ଘାରି ହେଲା ଆର୍ଯ୍ୟନ୍ । କିନ୍ତୁ ଯାଇ ପାରୁନଥିଲା ଫ୍ୟାକ୍ଟ୍ରିରୀ ବାହାରକୁ । ମାଲିକର ନାଲିଆଖି ଉଭୟ ଯେମିତି ତା ଶରୀର ଓ ମନକୁ ଆବୋରି ନେଇଥିଲା । ଦିନ ପରେ ଦିନ ବିତି ଚାଲିଥିଲା । ରୋଶନୀକୁ ଚାହିଁ ଚାହିଁ ମନଟି ଝାଉଁଳି ପଡ଼ିଥିଲା । ଖରା, ବର୍ଷା,ଶୀତ ଋତୁ ମାନେ ଆସି ଚାଲି ଯାଉଥିଲେ । ବିତି ଯାଇଥିଲା ଦୀର୍ଘ ୩ ବର୍ଷ ।

ହଠାତ୍ ଦିନେ ମାଲିକ କହିଲା, 'ଆର୍ଯ୍ୟନ୍ ! ତୁମକୁ ବାଙ୍ଗାଲୋର ଯାଇ ଅନ୍ୟ ଏକ ଅଗରବତୀ ଫ୍ୟାକ୍ଟ୍ରିରୀରେ କାମ କରିବାକୁ ହେବ । ମାସକୁ ମିଳିବ ଛଅହଜାର ପାଞ୍ଚ ଶହ ଟଙ୍କା । ରହିବା ଓ ଖାଇବାର ବ୍ୟବସ୍ଥା ଅଛି ।'

ତିରୁପତୁରରେ ତା'ର ମନ ଲାଗୁନଥିଲା ।-ସେ ଏଇଠି ହରାଇଲା ତା' ରୋଶନୀକୁ । ସୁଖ ଦୁଃଖର ସାଥୀକୁ । କେମିତି ସେ ଭୁଲି ପାରିବ ରୋଶନୀକୁ । ସିଲିଗୁଡ଼ିରୁ ଟ୍ରେନ୍‌ରେ ବସିବାବେଳେ ରୋଶନୀ ତାକୁ କହିଥିଲା, 'ଦେଖ୍ ଆର୍ଯ୍ୟନ୍ ! ମୋତେ କାହିଁକି କିଛି ଭଲ ଲାଗୁନି ଦୂରଜାଗାକୁ ଯିବାକୁ । ମୋ ମନରେ କେତେ ପାପ ଛୁଉଁଛି ।'

'ଛି, ତୁ ଏତେ କଥା ଭାବନା । ମୁଁ ତୋ ପାଖରେ ଅଛି ।' କହିଥିଲା ଆର୍ଯ୍ୟନ୍ ତାକୁ । ସେହି ରୋଶନୀ ତା' ପାଖରେ ନାହିଁ । କେମିତି ଗଲା, କୁଆଡ଼େ ଗଲା ସେ ଏଯାଏ ଜାଣି ପାରିଲା ନାହିଁ ।

ବାଙ୍ଗାଲୋର ସହରଠାରୁ ପ୍ରାୟ ୨୦କିମି ଦୂରରେ ଅଗରବତୀ ଫ୍ୟାକ୍ଟ୍ରେରୀରେ ସେ ପ୍ରବେଶ କଲା । ସେ ଦେଖିଲା ତା'ପରି ପ୍ରାୟ ଶହେ ଯୁବକ ସେଠି କାମ କରୁଛନ୍ତି । ତା'ର ବ୍ୟାଗକୁ ନେଇ ରଖିଦେଲା ହଲ୍‌ଘରେ । ଏଠି ରହିବା ପାଇଁ ବଖରା ନାହିଁ । ଗୋଟିଏ ଲମ୍ବା ହଲରେ ସମସ୍ତଙ୍କୁ ରହିବାକୁ ହେଉଛି ।

ଦିନ ସାରା ହାଡଭଙ୍ଗା ଖଟଣି । ସକାଳ ୬ଟାରୁ ରାତି ୧୨ଟା ଯାଏ । ଦିନକୁ ୧୮ଘଣ୍ଟା । ଖାଇବାରେ ଭାତ ଓ ଗୋଟେ ତରକାରୀ । ସକାଳ ଓଳି ଓ ରାତିରେ ଖାଇବା । କାହା ସହିତ କଥା ହୋଇ ପାରିବ ନାହିଁ । ବାହାରକୁ ଯାଇ ପାରିବ ନାହିଁ । ଜଗୁଆଳୀ ମାନେ ସବୁଠି ଜଗିଛନ୍ତି । କାହା ସଙ୍ଗେ କଥା ହେଲେ ଦେହରେ ନୋଳା ଫାଟଯିବ । ଟଙ୍କାର ନାଁ ଗନ୍ଧ ନାହିଁ । ଜେଲଖାନାରେ ବନ୍ଦୀମାନଙ୍କ ଉପରେ ଏପରି ବ୍ୟବହାର ହେଉନଥିବ ଯେପରି ଏଠାରେ ହେଉଛି ।

ଦିନକର ଘଟଣା । ଆର୍ଯ୍ୟନ୍ ଦେହ ଭଲ ଲାଗୁନଥିଲା । ମନ ନଥିଲା କାମ କରିବାକୁ । ସେ ତାର ସାଙ୍ଗ ବାବ୍‌ଲୁକୁ କହିଲା, 'ମୋର ଦେହ ଭଲ ନାହିଁ । ମୁଁ ଆଜି କାମ କରିପାରିବିନି, ଏ କଥା ମ୍ୟାନେଜରକୁ କହିଦେବୁ ।' ମ୍ୟାନେଜର ଏହା ଶୁଣି ରାଗରେ ଗରଗରହୋଇ ଜଗୁଆଳକୁ ପଠାଇଲା ଓ ତାକୁ ଜୋରଜବରଦସ୍ତ ଟାଣିଟାଣି ନେଇ ମ୍ୟାନେଜର ପାଖରେ ପହଞ୍ଚାଇଲା ।

ମ୍ୟାନେଜର ଚାହିଁଲା ତାର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ । ତା'ଉପରେ ଗୋଇଠା ଓ ବିଧା ମାରି ଚାଲିଲା । ଆର୍ଯ୍ୟନ୍ ଭାବି ପାରୁନଥିଲା ତାର ଭୁଲ୍ ରହିଲାକେଉଁଠି ?

ଭୟରେ ଜଡ଼ସଡ ହୋଇ ଯାଇଥିଲା । କେତେ ନେହୁରା ହେଲା । କିନ୍ତୁ ନିଷ୍ଠୁର ଦଣ୍ଡରୁ ତ୍ରାହି ମିଳିଲାନି ତାକୁ ।

ତିରୁପତୁରରେ ଏମିତି ମାଡଗାଳି ନଥିଲା । ପଇସା କମ୍ ମିଳୁଥିଲା, ଖଟଣି ବେଶି ଥିଲା । କିନ୍ତୁ ଶାରିରୀକ ଯନ୍ତ୍ରଣା ଦିଆଯାଇନଥିଲା ।

ଏଇମିତି ଚାଲିଲା ପୁଣି ସମୟ । ରୋଶନୀ କଥା ଶୋଇ ଶୋଇ ଭାବେ । ଆଖିରେ ଲୁହ ଜକେଇ ଯାଏ । ମନେ ମନେ ଈଶ୍ୱରଙ୍କୁ ଡାକେ । ସତେ କଣ ତାକୁ ଏହି ବନ୍ଦୀଶାଳାରୁ ମୁକ୍ତି ମିଳିବ ? ୨୧ ବର୍ଷର ଯୁବକ କିନ୍ତୁ ଦେହର ହାଡଗଣି ହୋଇଯାଉଛି । ୧୮ଘଣ୍ଟା ଖଟଣି ମଧ୍ୟରେ ଭଲ ଖାଇବାକୁ,ପିନ୍ଧିବାକୁ ଓ ଶୋଇବାକୁ ବି ମିଳୁନି । ବାପା ମା'ଙ୍କୁ ହରାଇ ସେ ଏମିତି କେବେ ଛେଉଣ୍ଡିଆ ହୋଇ ନଥିଲା ।

ଆର୍ଯ୍ୟନ୍ ଚୁପ୍‌ଚାପ୍ ଗୁମ୍‌ସୁମ୍ ହୋଇ କାମ କରିଚାଲିଲା ।

ହଠାତ୍ ଦିନେଫ୍ୟାକ୍ଟ୍ରିରେ ଅଘଟଣ ଘଟିଲା । ତା'ପାଇଁ କିନ୍ତୁ ସେ ଦିନଟି ଥିଲା ମୁକ୍ତିର ଦିବସ । ସେ ଦାସତ୍ୱ ବନ୍ଧନରୁ ମୁକ୍ତି ପାଇଲା ।

ଦଳଦଳ ପୁଲିସ୍‌ବାଲା ଫ୍ୟାକ୍ଟେରୀ ଭିତରେ ପ୍ରବେଶ କଲେ । ଯିଏ ଯେଉଁଠି କାମ କରୁଥିଲା ସମସ୍ତଙ୍କୁ ଆଣି ଏକାଠି କଲେ ଗୋଟିଏ ଜାଗାରେ । ଫ୍ୟାକ୍ଟେରୀ ମାଲିକ, ମ୍ୟାନେଜର, ଜଗୁଆଳୀ କରପତ୍ର ଯୋଡ଼ି ଠିଆହୋଇଥାନ୍ତି । ତାଙ୍କ ପିଠିରେ ପୁଲିସର ମାଡ ନୋଳା ପକାଇ ଦେଇ ଥାଏ । କର୍ଣ୍ଣାଟକ ମନୁଷ୍ୟ ଚାହାଣ ବିରୋଧୀ ପୁଲିସ ସ୍କାର୍ଡ ଓ ସ୍ୱେଚ୍ଛାସେବୀ ସଂଗଠନ ଆନ୍ତର୍ଜାତିକ ନ୍ୟାୟ ମିଶନର ମିଳିତ ପ୍ରଚେଷ୍ଟାରେ ଚଢ଼ଉ ହୋଇଥାଏଁ ଫ୍ୟାକ୍ଟେରୀରେ । ଆନ୍ତର୍ଜାତିକ ନ୍ୟାୟ ମିଶନର ସଭ୍ୟମାନେ ଦୀର୍ଘଦିନ ଧରି ଏହି ଫ୍ୟାକ୍ଟ୍ରି ଉପରେନଜର ରଖି ଜାଣି ପାରିଥିଲେ ଯେ ବିଭିନ୍ନ ରାଜ୍ୟମାନଙ୍କରୁ ଯୁବକମାନଙ୍କୁ ପ୍ରଲୋଭିତ କରି ଏଠାରେ ଦାଦନ ଭାବରେ ଖଟାଯାଉଛି । ମଣିଷମାନଙ୍କୁ ପଶୁ ପରି ବ୍ୟବହାର କରାଯାଉଛି । ସଠିକ୍ ତଥ୍ୟ ଓ ପ୍ରମାଣ ପାଇବା ପରେ ସେମାନେ କର୍ଣ୍ଣାଟକ ପୋଲିସ୍‌ର ସହାୟତା ନେଲେ ଏବଂ କର୍ଣ୍ଣାଟକ ମନୁଷ୍ୟ ଚାଲାଣ ବିରୋଧୀ ସ୍କାର୍ଡ ଅତର୍କିତ ଭାବେ ଚଢଉ କରି କାର୍ଯ୍ୟରତ ୧୦୭ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କଲେ ।

ଆର୍ଯ୍ୟନ୍ ଚୁପ୍‌ଚାପ୍ ବସିଥିଲା । ସେମାନେ ସମସ୍ତଙ୍କର ନାମ, ଠିକଣା, ରାଜ୍ୟ ଇତ୍ୟାଦି ଲେଖି ଚାଲିଥିଲେ । ତା ସହିତ ଅନ୍ୟ ଶ୍ରମିକମାନଙ୍କ ମଧ୍ୟରୁ ୪୩ଜଣ ଥିଲେ ପଶ୍ଚିମବଂଗରୁ, ୪୦ଜଣ ଆସାମରୁ, ୨୨ଜଣ ଝାଡଖଣ୍ଡରୁ ଓ ତା' ସମେତ ଅନ୍ୟଜଣେ ନେପାଳରୁ ।

ମାଲିକ, ମ୍ୟାନେଜର ଓ ଜଗୁଆଳୀଙ୍କ ହାତରେ ହାତକଡ଼ି ପଡିଥିଲା । ସେମାନଙ୍କୁ ଗାଡ଼ିରେ ବସିବାକୁ କୁହାଗଲା । ନିକଟରେ ଥୁଆ ହୋଇଥିବା ବସ୍‌ରେ ବୁହାହୋଇ ଆର୍ଯ୍ୟନ୍ ଓ ଅନ୍ୟମାନେ ଏକ ଦ୍ୱିତଳ ପ୍ରାସାଦରେ ପହଞ୍ଚିଲେ । ସେଠାରେ ସେମାନଙ୍କର ରହିବା ଓ ଖାଇବାର ବ୍ୟବସ୍ଥା କାରଯାଇଥିଲା ।

ବିରାଟ ଅନ୍ଧାର ମଧ୍ୟରୁ ଆଲୋକ ମଧ୍ୟରେ ପ୍ରବେଶ କରିଥିଲା ଆର୍ଯ୍ୟନ୍ । ଦୀର୍ଘ ଚାରିବର୍ଷର ନିର୍ଯ୍ୟାତିତ ଜୀବନ ତା'ମନକୁ ଶକ୍ତ କରିଥିଲା । ଅନୁଭବକୁ ପାକଳ କରିଥିଲା । ସେ ମଣିଷକୁ କିପରି ଜଣକଠାରୁ ଅନ୍ୟଜଣଙ୍କୁ ବିକ୍ରୀ କରାଯାଏ, ତାହା ଜାଣି ପାରିଥିଲା । ମନେ ମନେ ଭାବୁଥିଲା, ରୋଶନୀକୁ କ'ଣ ତାର ପୂର୍ବମାଲିକ ଏଇମିତି ବିକ୍ରୀ କରିଦେଇଛି ?

କେଉଁଠି ଥିବା ତାର ରୋଶନୀ । କେମିତି ଖୋଜିବ ସେ ?

ସେ ଏହିସ୍ୱେଚ୍ଛାସେବୀ ସଂସ୍ଥା ସହିତ ରହିବ । ତାଙ୍କୁ କହିବ, 'ତା' ରୋଶନୀର ଦୁଃଖର କାହାଣୀ ।' ରୋଶନୀକୁ ନ ପାଇବା ପର୍ଯ୍ୟନ୍ତ ସେ ଫେରିବ ନାହିଁ ନେପାଳ । ରୋଶନୀ ବ୍ୟତୀତ ତା'ର ଆଉ କିଏ ଅଛି ଯେ ସେ ନିଜ ଦେଶକୁ ଫେରିଯିବ ।

ଆର୍ଯ୍ୟନ୍ ଲାମା ମନୁଷ୍ୟ ରାକ୍ଷସ କବଳରୁ ମୁକ୍ତ । ତାକୁ ମୁକ୍ତ କରିବାକୁ ହେବ ରୋଶନୀକୁ । ଆନ୍ତର୍ଜାତିକ ନ୍ୟାୟ ମିଶନର ସେ ହେବ ସଭ୍ୟ ଏବଂ ଲାଗିପଡ଼ିବ ରୋଶନୀକୁ ଖୋଜିବାରେ ।

ଡାଇନିଂ ଟେବୁଲ ନିକଟରେ ଚେୟାରରେ ବସି ପାଟିକୁ ଭାତଗୁଣ୍ଡା ନେବାବେଳେ ସେ ଏହିକଥା ମନେ ମନେ ଚିନ୍ତା କରିବାକୁ ଲାଗିଥିଲା ।

ପ୍ଲଟ ନଂ ୫୦୧୨/୫୮୫୩, ଗଜପତି ନଗର, ଭୁବନେଶ୍ୱର-୭୫୧୦୦୫

ମୋ : ୯୪୩୭୦୩୬୩୪୨

# ଓଡିଶାରେ ପ୍ରବାସୀ ଶ୍ରମିକ ସମସ୍ୟା ଓ ତାର ପ୍ରତିକାର

**କିଶାଳୟ ଶତପଥି**

ଓଡିଶା ଏକ ଶ୍ରମିକ ବହୁଳ ରାଜ୍ୟ । ୧୯୬୦ ଦଶକରେ ଏହାର ଜନ ସଂଖ୍ୟାର ଅର୍ଦ୍ଧାଧିକ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ତନ୍ମଧ୍ୟରୁ ୮୦ ଭାଗ କୃଷି ଶ୍ରମିକ ଓ ୧୦ ଭାଗ ଶିଳ୍ପ ଶ୍ରମିକ ଓ ୪୦ ଭାଗ ଅନ୍ୟାନ୍ୟ କାର୍ଯ୍ୟ କ୍ଷେତ୍ରରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ । ସାଧାରଣତଃ କୃଷି ଉପରେ ନିର୍ଭର କରୁଥିବା ବହୁ ସଂଖ୍ୟକ ଶ୍ରମିକ ମାନେ ଧାନକଟା ପରେ ଆସନ୍ତ ବର୍ଷର ଧାନବୁଣା ପର୍ଯ୍ୟନ୍ତ ବେକାର ରହୁଥିବା କାରଣରୁ ସେମାନଙ୍କୁ ଅନ୍ୟ ରାଜ୍ୟରେ ରହିଥିବା ଶ୍ରମିକ ଚାହିଦା ପୁରଣ ପାଇଁ କିଛି ଠିକାଦାର ଏହି ୫/୬ ମାସ ସକାଶେ ଅନ୍ୟ ରାଜ୍ୟକୁ ନେଇ କାମରେ ଲଗାଉଥିଲେ । ସାଧାରଣତଃ ଅବିଭକ୍ତ ଗଂଜାମ ଓ ପୁରୀ ଜିଲ୍ଲାରୁ ଏହିଭଳି ଲକ୍ଷ ଲକ୍ଷ ପୁରୁଷ ଶ୍ରମିକ ଯାଇ କାମ କରିଆସୁଛନ୍ତି । ସେ ସମୟରେ ବାଲୁଗାଁ ଅଞ୍ଚଳର ବେଲପଡା ଗ୍ରାମର ଯୁଗଳ ପ୍ରଧାନ, କବିସୂର୍ଯ୍ୟନଗର ନିକଟସ୍ଥ ବରିଡା ଗ୍ରାମର ପଞ୍ଚୁ ପ୍ରଧାନ, ଜରଡ ଗ୍ରାମର ଭାସ୍କର ସ୍ୱାଇଁ ଇତ୍ୟାଦି ଅନେକ ବଡ ବଡ ଠିକାଦାର ଏହି ଦୁଇ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଶ୍ରମିକ ମାନଙ୍କୁ ନିଯୁକ୍ତି କରି ବାହାର ରାଜ୍ୟରେ କର୍ମ ଯୋଗାଣ କରି ଆସୁଥିଲେ । ତା ସଙ୍ଗେ ସଙ୍ଗେ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗିର, ସମ୍ବଲପୁର ଜିଲ୍ଲାରୁ ଲକ୍ଷ ଲକ୍ଷ ଶ୍ରମିକ ସପରିବାରେ ଇଟାଭାଟିରେ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଠିକାଦାରଙ୍କ ମାନଙ୍କ ଦ୍ୱାରା ନିଯୁକ୍ତି ପାଇ ଆନ୍ଧ୍ର ପ୍ରଦେଶ ଓ ଅନ୍ୟାନ୍ୟ ପ୍ରଦେଶ ରେ ଥିବା ଇଟାଭାଟି ମାନଙ୍କରେ ଯାଇ କାମ କରି ଆସୁଥିଲେ । ଶ୍ରମିକ ମାନଙ୍କୁ ନିଯୁକ୍ତି ସମୟରେ ଯେଉଁ ଅଗ୍ରୀମ ଦିଆଯାଉଥିଲା ତାକୁ ଦାଦନ କୁହାଯାଉଥିଲା ଓ ଏହି ଶ୍ରମିକ ମାନେ ଦାଦନ ଶ୍ରମିକ ଭାବେ ସର୍ବ ବିଦିତ ଥିଲେ । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଠିକ୍ ମଜୁରୀ ନମିଳିବା, ଅଧିକ କାର୍ଯ୍ୟ ସମୟ, ରହିବା ଖାଇବା ଅବ୍ୟବସ୍ଥା ଆଦି ନାନାଦି ଅନିୟମିତତା ବିଷୟରେ ଅଭିଯୋଗ ଆସୁଥିଲେ ସୁଦ୍ଧା ବାହାର ରାଜ୍ୟ ଉପରେ ଆମ ରାଜ୍ୟର ନିୟନ୍ତ୍ରଣ ନ ଥିବାରୁ ଦାଦନ ଶ୍ରମିକ ମାନଙ୍କୁ ଆଶାନୁରୂପ ଆଇନଗତ ସୁରକ୍ଷା ଓ ସାହାଯ୍ୟ ଦିଆଯାଇ ପାରୁନଥିଲା ।ଏହି ଅବସ୍ଥାକୁ ଆଖିରେ ରଖି ଓଡିଶା ସରକାର ୧୯୭୫ ମସିହାରେ ଓଡିଶା ଦାଦନ ଶ୍ରମିକ ଆଇନ ପ୍ରଣୟନ କରିଥିଲେ ଓ ଏଥିରେ ଦାଦନ ଶ୍ରମିକ ମାନଙ୍କ ଆଇନଗତ ସୁରକ୍ଷା ସକାଶେ ପର୍ଯ୍ୟାପ୍ତ ବ୍ୟବସ୍ଥା ରହିଥିଲା ।କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଗୋଟିଏ ରାଜ୍ୟର ଶ୍ରମିକମାନେ ଅନ୍ୟ ରାଜ୍ୟକୁ ଯାଇ କାମ ଭଳି ପରିସ୍ଥିତି କରିବା ସବୁ ରାଜ୍ୟରେ ପରିଲକ୍ଷିତ ହେବା ପରେ ଭାରତ ସରକାର ୧୯୭୯ରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ ପ୍ରଣୟନ କରି ଓଡିଶା ଦାଦନ ଶ୍ରମିକ ଆଇନକୁ ଉଠାଇ ଦେଇଥିଲେ।

ଏହି ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଆଇନ ୧୯୭୯ ରେ ୫ ଜଣ ଦାଦନ ବା ପ୍ରବାସୀ ଶ୍ରମିକ ମାନଙ୍କୁ କୌଣସି ଠିକାଦାର ନିଯୁକ୍ତି କରିବା ସକାଶେ ଲାଇସେନ୍ସ କରିବା, ଶ୍ରମିକମାନଙ୍କୁ ସ୍ଥାନାନ୍ତରଣ ଉତ୍ତା ବାବଦରେ ୧୫ ଦିନ ମଜୁରୀ, ଯିବା ଆସିବା ଖର୍ଚ୍ଚ, ପାସବୁକ ଇତ୍ୟାଦି ପ୍ରଦାନ ସକାଶେ ନିୟମ ରହିଥିବା ବେଳେ କାର୍ଯ୍ୟସ୍ଥଳରେ ଶ୍ରମିକମାନଙ୍କୁ ରହିବା ସକାଶେ ଘର, ଶୀତଦିନେ କମଳ, ଠିକ୍ ସମୟରେ ମଜୁରୀ ପ୍ରଦାନ ଇତ୍ୟାଦି ନିୟମ ଗୁଡିକ ମୁଖ୍ୟତଃ ରହିଅଛି । ତତ୍ ସହିତ "ଯଦି ଠିକାଦାରଙ୍କ ଠାରୁ କୌଣସି ପ୍ରବାସୀ ଶ୍ରମିକ ଅଗ୍ରୀମ ନେଇଥାନ୍ତି ଓ କାର୍ଯ୍ୟ କଳାପରେ ବି କିଛି ବାକି ରହେ ତେବେ ତାହା ଉତ୍ତା ଯିବ ଓ

ଶ୍ରମିକ ଉପରେ ଆଉ କୌଣସି ଅଗ୍ରୀମ ବାବଦ ଅର୍ଥ ବାକି ରହିବ ନାହିଁ" ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିୟମ ରଖାଯାଉଛି ଯାହା ଏକ ପ୍ରବାସୀ ଶ୍ରମକୁ  ଗୋତି ଶ୍ରମିକ ପ୍ରଥାରୁ ମୁକ୍ତ ରଖି ପାରିବ ।

ଏହି ଆଇନରେ ଆମ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି କରୁଥିବା ଠିକାଦାର ସ୍ଥାନୀୟ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ଲାଇସେନ୍ସ ନେବାପାଇଁ ବ୍ୟବସ୍ଥା ରହିଥିବା ସ୍ଥଳେ ଅନ୍ୟ ରାଜ୍ୟରେ କାମରେ ଲଗାଉଥିବା ଠିକାଦାର ଆଉ ଏକ ଲାଇସେନ୍ସ ସେହି ଜିଲ୍ଲାର ଜିଲ୍ଲା ଶ୍ରମ ଅଧିକାରୀଙ୍କ ଠାରୁ ନେବା ଆବଶ୍ୟକ । ଶ୍ରମିକ ମାନଙ୍କ ପ୍ରତିଦିନ ଉପସ୍ଥାନ ଦେବା ସହିତ ଅନ୍ୟୁନ ପ୍ରତି ମାସରେ ଥରେ ମଜୁରୀ ପ୍ରଦାନ କରିବା ଆଇନତଃ ଜରୁରୀ ।  କୌଣସି ଦୁର୍ଘଟଣା ଘଟି ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ହେଲେ ଠିକାଦାର/ ମାଲିକ ଉଭୟ ରାଜ୍ୟର ଶ୍ରମ ବିଭାଗୀୟ ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଜଣାଇବା ଆବଶ୍ୟକ । ପ୍ରବାସୀ ଶ୍ରମିକ ମାନଙ୍କୁ ଆଇନଗତ ସାହାଯ୍ୟ ଓ ସୁରକ୍ଷା ପାଇଁ ଏଭଳି ଅନେକ ନିୟମ ଏହି ଆଇନରେ ରହିଛି । ସାଧାରଣତଃ ଏହି ପ୍ରବାସୀ ଶ୍ରମିକ ମାନେ ଇଟାଭାଟି ଓ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଦୃଷ୍ଟିରୁ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନ ୧୯୯୬ର ଅନ୍ତର୍ଭୁକ୍ତ ଅଟନ୍ତି । ଏହି ଦୃଷ୍ଟିରୁ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ବାହାର ରାଜ୍ୟରେ କାର୍ଯ୍ୟକରୁଥିବା ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ଚିହ୍ନଟକରି ସେମାନଙ୍କୁ ବୋର୍ଡ ପ୍ରଚଳିତ ନିର୍ମାଣ ଶ୍ରମିକ ସକାଶେ ଉଦ୍ଦିଷ୍ଟ ସମସ୍ତ କଲ୍ୟାଣ ମୂଳକ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସକାଶେ ଜୋରସୋର ଉଦ୍ୟମ ଆରମ୍ଭ କରିଦେଇଛନ୍ତି ଓ କେତେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇ ସାରିଲେଣି ।

ତତ୍ ସହିତ ଓଡିଶା ସରକାର ପ୍ରବାସୀ ଶ୍ରମିକ ମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତ ସକାଶେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଗୁଡିକ ପ୍ରବାସୀ ଶ୍ରମିକ ବହୁଳ ଜିଲ୍ଲା ମାନଙ୍କରେ ବହୁଳ ଭାବରେ କାର୍ଯ୍ୟକାରୀ କରାଇବା ପାଇଁ ପଦକ୍ଷେପ ନେଉଅଛନ୍ତି । ପ୍ରକାରାନ୍ତେ ଏକ ରାଜ୍ୟ ପ୍ରବାସୀ ଶ୍ରମିକ ସେଲ ଗଠନକରି, ରାଜ୍ୟ ପ୍ରବାସୀ ଶ୍ରମିକ ପ୍ଲାନ ଅନୁମୋଦନ ପୂର୍ବକ ଓଡିଶା ସରକାର ସାରା ରାଜ୍ୟରେ ବ୍ୟାପକ ସଚେତନତା ସୃଷ୍ଟି, ଅସୁବିଧାରେ ପଡିଥିବା ପ୍ରବାସୀ ଶ୍ରମିକଙ୍କୁ ତତ୍‌କ୍ଷଣାତ ଉଦ୍ଧାର, ଗ୍ରାମ ସ୍ତରରେ ପ୍ରବାସୀ ଶ୍ରମିକଙ୍କ ନାମ ପଞ୍ଜୀକରଣ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମାନ ନେଉଅଛନ୍ତି ।ଏହି ସବୁର ପ୍ରଭାବରେ ରାଜ୍ୟରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଥିବା ବେଳେ ଯେଉଁ ମାନେ କୌଣସି କାରଣକୁ ବାଧହୋଇ ପ୍ରବାସୀ ହୋଇ କାର୍ଯ୍ୟକରୁଛନ୍ତି ସେମାନେ ପୂର୍ବାପେକ୍ଷା ଅଧିକ ସୁରକ୍ଷିତ ମନେ କରୁଛନ୍ତି । ଦାଦନ ଶ୍ରମିକଙ୍କ ବାର୍ଷିକ ମୃତ୍ୟୁହାର ବି ଆଶାଜନକ ଭାବେ ହ୍ରାସ ପାଇବ ।

ଅଶିକ୍ଷିତ ଅତି ଗରୀବ ଏହି ପ୍ରବାସୀ ଶ୍ରମିକ ମାନେ ଯେ ଭବିଷ୍ୟତରେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବେ ଓ ସମସ୍ତ ଆଇନଗତ ପ୍ରାପ୍ୟ ଠିକ ସମୟରେ ପାଇ ଘରକୁ ସୁସ୍ୱାସ୍ଥ୍ୟ ସହ ନିରାପଦରେ ଫେରିବାର ସ୍ୱପ୍ନକୁ ସାକାର କରିପରିବେ ଏଥିରେ ସନ୍ଦେହ ନାହିଁ ।

ସହକାରୀ ଶ୍ରମ କମିଶନର

ଶ୍ରମ ଭବନ, ଓଡିଶା, ଭୁବନେଶ୍ୱର

# ପ୍ରବାସି ଶ୍ରମିକଙ୍କ ସମସ୍ୟା

ନରହରି ମିଶ୍ର

ଦେଶ ସ୍ୱାଧୀନତା ପାପ୍ତିର ୬୮ ବର୍ଷ ପରେ ମଧ୍ୟ ଆମ ରାଜ୍ୟ ଓଡ଼ିଶା ଗୋଟିଏ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠିତ ହୋଇପାରି ନାହିଁ। ଯଦିଓ ବିଗତ ପନ୍ଦର-କୋଡ଼ିଏ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରଗତି, ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ ଓ ଗମନାଗମନ ଦାରିଦ୍ର୍ୟ ଦୂରୀକରଣ, ବନ୍ଧବାନ୍ଧ ନିର୍ମାଣ, ସେତୁ ନିର୍ମାଣ ଇତ୍ୟାଦି କ୍ଷେତ୍ରରେ ବେଶ୍ ପରିଲକ୍ଷିତ ହୋଇଛି। ତେବେ ବେକାରି ଦୂରୀକରଣ ଓ କର୍ମ ସଂସ୍ଥାନ ଯୋଗାଣ କ୍ଷେତ୍ରରେ ଏହା ପଛରେ ପଡ଼ିଯାଇଥିବାର ଅନୁମାନ କରାଯାଉଛି। ଓଡ଼ିଶାର ଅଧିକାଂଶ ଯୁବକ ଯୁବତୀ ଅର୍ଦ୍ଧ ଶିକ୍ଷିତ ଅଥବା ଅଶିକ୍ଷିତ। ଆଦିବାସୀ ବହୁଳ ଜିଲ୍ଲା ମାନଙ୍କରେ ଶିକ୍ଷାର ପ୍ରସାର ପାଇଁ ସରକାରଙ୍କ ତରଫରୁ ବହୁବିଧ ଉପାୟ ଅବଲମ୍ବନ କରାଯାଉଥିଲେ ମଧ୍ୟ ବହୁତ ଗରିବ ଲୋକ ଶିକ୍ଷାରୁ ବଞ୍ଚିତ।

ବିଭିନ୍ନ ପ୍ରକାର ଦାରିଦ୍ର୍ୟ ଦୂରୀକରଣ ଯୋଜନା ସରକାରୀ ସ୍ତରରେ ପ୍ରଚଳନ ହେଲେ ମଧ୍ୟ ଏସବୁର ସଫଳ ରୂପାୟନର ଅଭାବ ହେତୁ ରାଜ୍ୟରୁ ଦାରିଦ୍ର୍ୟର ମୂଳ ଉତ୍ପାଟନ ହୋଇପାରୁ ନାହିଁ। ବିଗତ ପନ୍ଦର ବର୍ଷରେ କିଛି ସଫଳତା ମିଳିଛି। ଆହୁରି ଅନେକ କାର୍ଯ୍ୟ କରିବାକୁ ଅଛି। ସରକାରୀ ସାହାଯ୍ୟ ଯଦିଓ ପର୍ଯ୍ୟାପ୍ତ ରହିଛି ଏସବୁର ଉପଯୁକ୍ତ ଉପଯୋଗିତାର ଅଭାବ ପରିଲକ୍ଷିତ ହେଉଛି।

ଏହା ବ୍ୟତୀତ କେତେକ ନ୍ୟସ୍ତ ସ୍ୱାର୍ଥନ୍ୱେସୀ ଗୋଷ୍ଠୀମାନଙ୍କ ଦ୍ୱାରା ଗରିବ ଲୋକମାନଙ୍କର ଅବସ୍ଥା ଅତ୍ୟନ୍ତ ଖରାପ ହେବାରେ ଲାଗିଛି। ଶ୍ରମିକ, ଖଟିଖିଆ, ଦିନମଜୁରିଆ ତଥା ଅର୍ଦ୍ଧ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଶ୍ରମ ଦଲାଲମାନେ ଠକିବାରେ ଲାଗିଛନ୍ତି। ସରକାରୀ ତଥା ବେସରକାରୀ ସଂସ୍ଥାମାନେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ଦଲାଲ ଗୋଷ୍ଠୀ ସକ୍ରୀୟ ରହିଛନ୍ତି। ଗରିବ ଶ୍ରେଣୀର ଲୋକମାନଙ୍କୁ ମିଥ୍ୟା ଲୋଭ ଦେଖାଇ ରାଜ୍ୟ ବାହାରକୁ ନେଇ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ଦେଉଛନ୍ତି। ଆମ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଶ୍ରମିକ ଚାଲାଣ ପାଇଁ ବିଧିବଦ୍ଧ ବ୍ୟବସ୍ଥା ଅଛି ଯଥା - ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ନିଯୁକ୍ତି ନିୟନ୍ତ୍ରଣ ଆଇନ, ୧୯୭୯, ଏହି ଆଇନକୁ କଡା କଡି ଭାବରେ ପାଳନ କରିବା ପାଇଁ ସମସ୍ତ ଜିଲ୍ଲା ଶ୍ରମ ବିଭାଗ ଅଫିସରମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଓ ପୋଲିସ ସୁପରଟେଣ୍ଡେଣ୍ଟ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତ ସ୍ତରରେ ବେଆଇନ ଶ୍ରମିକ ଚାଲାଣ ରୋକିବାକୁ ମଧ୍ୟ ନିର୍ଦ୍ଦେଶ ଅଛି। ତଥାପି କେତେକ ଠକ ଦଲାଲ ବେଆଇନ ଭାବରେ ଆମ ରାଜ୍ୟରୁ ଶ୍ରମିକମାନଙ୍କୁ ଚୋରା ଚାଲଣ କରି ବହୁ ଅର୍ଥ ଉପାର୍ଜନ କରୁଛନ୍ତି। ବାହାର ରାଜ୍ୟରେ ଶ୍ରମିକମାନେ ଦାଦନ ଶ୍ରମିକ ଭାବରେ ଜୀବନ ନିର୍ବାହ କରୁଛନ୍ତି। ଅନ୍ୟ ରାଜ୍ୟର ମାଲିକମାନେ ବେଆଇନ ଦାଦନ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେଉଛନ୍ତି।

ସେହିପରି ଆମ ରାଜ୍ୟରୁ ଅନେକ ଯୁବକ ଯୁବତୀ ଅଧିକ ଅର୍ଥ ରୋଜଗାର ଲୋଭରେ ବଶବର୍ତ୍ତୀ ହୋଇ ଦେଶ ବାହାରକୁ ଚାଲିଯାଉଛନ୍ତି। ପର ଦେଶରେ ରହି ସେମାନେ ଅକଥନୀୟ ଅତ୍ୟାଚାରର ଶୀକାର ହେଉଛନ୍ତି। ଅନେକ ବେଆଇନ ସଂସ୍ଥା ଗୋପନରେ ମାନବ ସମ୍ବଳ ଚୋରା ଚାଲଣ କରି ବହୁ ଅର୍ଥ ରୋଜଗାର କରୁଛନ୍ତି। ବିଦେଶ ଯାଇ କିଏ ସର୍ବସ୍ୱାନ୍ତ ହେଉଛି ତ ଆଉ କିଏ ମୃତ୍ୟୁ ମୁଖରେ ପଡୁଛି।

ପ୍ରତ୍ୟେକ ଦିନ ବିଭିନ୍ନ ସମ୍ବାଦପତ୍ରରେ ଶ୍ରମିକ ଚାଲଣ ଓ ଶ୍ରମିକ ଶୋଷଣ ବିଷୟରେ ଲୋମହର୍ଷଣକାରୀ ସମ୍ବାଦମାନ ଦେଖିବାକୁ ମିଳୁଛି। ଏହାର ମୂଳ କାରଣ ହେଉଛି ଗରିବ ଶ୍ରମିକମାନଙ୍କର ସଚେତନତାର ଅଭାବ। ଠକ ଶ୍ରମ ଠିକାଦାର ଓ ବେଆଇନ ଦଲାଲ ମାନଙ୍କ କବ୍‌ଜାରେ ପଡ଼ିଯାଉଛନ୍ତି ନିରୀହ ଶ୍ରମିକମାନେ। ଆମ ଦେଶରୁ ଅନ୍ୟ ଦେଶକୁ ଚୋରା ଚାଲଣ ହେଉଥିବା ମାନବ

ସମ୍ବଳର ନିଯୁକ୍ତି, ନିୟନ୍ତ୍ରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କର ଭୂମିକା ସୀମିତ, କାରଣ ଏହା ଇମିଗ୍ରେସନ୍ ଆକ୍ଟର ଅନ୍ତର୍ଭୁକ୍ତ ଯାହାକି କେନ୍ଦ୍ର ସରକାରଙ୍କ ଅଧୀନରେ ପରିଚାଳିତ ।

ତେବେ ରାଜ୍ୟରେ ଏହି ଦାଦନ ଶ୍ରମିକଙ୍କ ସମସ୍ୟା ଓ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ବହୁ ଗୁଣରେ ବୃଦ୍ଧି ପାଇବାରେ ଲାଗିଛି । ସରକାରଙ୍କ କଠୋର ବ୍ୟବସ୍ଥା ଥିଲେ ମଧ୍ୟ ଦଲାଲ ମାନଙ୍କର ଚତୁର ପଣ ଯୋଗୁଁ ଏହି ପ୍ରବାସୀ ଶ୍ରମିକଙ୍କ ସମସ୍ୟାର ସମାଧାନ ସୁଚାରୁ ରୂପେ ସମ୍ପାଦନ ହୋଇପାରୁ ନାହିଁ ।

**ଏହି ଦୁଇ ଶ୍ରେଣୀର ଶ୍ରମିକମାନଙ୍କ ପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି, ଯଥା :-**

୧. ଜିଲ୍ଲା ସ୍ତରରେ ଓ ପଞ୍ଚାୟତ ସ୍ତରରେ ସଚେତନତା ସୃଷ୍ଟି କରିବା ।

୨. ଟୋଲ୍ ଫ୍ରି ହେଲ୍ପ ଲାଇନ୍ ଫୋନ୍ ବ୍ୟବସ୍ଥା ।

୩. ଏହିପରି ଶ୍ରମିକମାନଙ୍କ ଗଣନା, ସେମାନଙ୍କ ସମସ୍ୟା ଓ ସେସବୁ ସମସ୍ୟାର ସମାଧାନ ବ୍ୟବସ୍ଥା ।

୪. ଏହି ଶ୍ରେଣୀର ଶ୍ରମିକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବା ।

୫. ଅନ୍ତଃରାଜ୍ୟ ପ୍ରବାସି ଶ୍ରମିକ ଯେଉଁମାନେ ନିର୍ମାଣ କାର୍ଯ୍ୟରେ ନିଯୁକ୍ତି ହେଉଛନ୍ତି, ସେମାନଙ୍କୁ ଚିହ୍ନଟ କରି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ତାଲିକାଭୁକ୍ତ କରିବା ।

୬. ବିଶେଷ କରି ଆନ୍ଧ୍ର, ତେଲେଙ୍ଗାନା, କର୍ଣ୍ଣାଟକ ଇତ୍ୟାଦି ରାଜ୍ୟମାନଙ୍କରେ ଇଟା ଭାଟିରେ କାର୍ଯ୍ୟ କରୁଥିବା ଓଡ଼ିଆ ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରିବା ।

୭. ପ୍ରବାସି ଶ୍ରମିକ ମାନଙ୍କ ପିଲାମାନଙ୍କର ପାଠପଢ଼ା ପାଇଁ ଆବାସିକ ଛାତ୍ରାବାସ ନିର୍ମାଣ କରିବା ।

୮. ହାଟ, ବଜାର, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦି ସ୍ଥାନଗୁଡିକ ଉପରେ ପୁଲିସ୍ ନଜର ରଖିବା ଓ ବେଆଇନ ଠକ ଦଲାଲମାନଙ୍କ କବଳରୁ ଶ୍ରମିକମାନଙ୍କୁ ଚୋରା ଚାଲଣରୁ ରକ୍ଷା କରିବା ଇତ୍ୟାଦି ।

ଦାଦନ ଶ୍ରମିକ ଓ ପ୍ରବାସି ଶ୍ରମିକମାନଙ୍କର ଶିକ୍ଷାଦୀକ୍ଷାର ଅଭାବ ଏବଂ ଦଲାଲମାନଙ୍କର ପ୍ରଲୋଭନ ଆଚରଣ ଯୋଗୁଁ ସମସ୍ୟା ଗୁରୁତର ହେବାରେ ଲାଗିଛି । ତେବେ ସରକାରୀ ସ୍ତରରେ ସିନା ଆଇନ୍ କାନୁନ୍ ବ୍ୟବସ୍ଥା ହେବ, ସରକାର କର୍ମଚାରୀମାନେ ଏହାକୁ କଡାକଡି ପାଳନ କରିବେ, ମାତ୍ର ଚୋରା ଚାଲଣକୁ କିପରି ରୋକାଯିବ ? ତେଣୁ ଜନସାଧାରଣ ମାନଙ୍କର ଏଥିରେ ସହଯୋଗ ଏକାନ୍ତ ଆବଶ୍ୟକ । ବିଭିନ୍ନ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା ମାନଙ୍କର ଅକୁଣ୍ଠ ସହଯୋଗ, ଗ୍ରାମ ମୁଖିଆଙ୍କ ସହଯୋଗ, ସ୍ଥାନୀୟ ନେତୃବୃନ୍ଦଙ୍କ ସହଯୋଗ ତଥା ସର୍ବୋପରି ଜନସଚେତନତାର ପ୍ରଚାର ଓ ପ୍ରସାର ଇତ୍ୟାଦି ଏହି ସମସ୍ୟାର ସମାଧାନ ଦିଗରେ ନିଶ୍ଚୟ ସହାୟକ ହେବ ବୋଲି ଆଶା କରାଯାଏ ।

ଶ୍ରମ ବିଭାଗ ସଚିବାଳୟ

# ଓଡ଼ିଶାର ଦାଦନ ଶ୍ରମିକ ଓ ଏଡସ୍ ରୋଗ

**ସୁଶାନ୍ତ ଦାସ**

ଓଡ଼ିଶାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଶ୍ରମିକ ଭାରତର ଅନ୍ୟ ରାଜ୍ୟ ତଥା ବିଦେଶକୁ ଯାଉଛନ୍ତି। ସେମାନେ ଉପାର୍ଜନ କରି ଆଣୁଥିବା ଅର୍ଥ ଓଡ଼ିଶାର ଅର୍ଥନୈତିକ ବିକାଶ ତଥା ମୁଣ୍ଡପିଛା ଆୟ ସ୍ଥିତିରେ ବହୁତ ଉନ୍ନତି ଆଣୁଛି। ମାତ୍ର ସେମାନଙ୍କର ବିଦେଶ ରହଣୀ ସମୟରେ ସେମାନେ ନିଜର ଅସତର୍କ ଅସାମାଜିକ କାର୍ଯ୍ୟକଳାପ ଯୋଗୁଁ ସେମାନଙ୍କ ଅଜ୍ଞାତସାରରେ କିଛି ଭୟାଭୟରୋଗ ସେମାନଙ୍କ ସାଙ୍ଗରେ ଓଡ଼ିଶାକୁ ଆଣୁଛନ୍ତି। ସେଥି ମଧ୍ୟରୁ ଏଡସ୍ ରୋଗ ଅନ୍ୟତମ। ଏହା ଓଡ଼ିଶାର ଜଳବାୟୁରେ ବିକଶିତ ହୋଇ କାୟା ବିସ୍ତାର କରୁଛି ଏବଂ ଏହି ସତର୍କଘଣ୍ଟି ସଂପର୍କରେ ସମସ୍ତେ ବିଦିତ ଥିଲେ ମଧ୍ୟ ଏହାକୁ ଅଟକା ଯାଇପାରୁ ନାହିଁ। ଓଡ଼ିଶାରେ ଏହାର ସ୍ଥିତି ଏବଂ ପ୍ରଗତି ସଂପର୍କରେ କିଛି ଆବଶ୍ୟକୀୟ ଧାରଣା ଦେବା ଏହି ନିବନ୍ଧର ମୁଖ୍ୟ ଆଭିମୁଖ୍ୟ।

ପ୍ରତିବର୍ଷ ଓଡ଼ିଶାରୁ ୫ ଲକ୍ଷରୁ ଅଧିକ ଶ୍ରମିକ ଅନ୍ୟ ରାଜ୍ୟକୁ କିମ୍ବା ଦେଶ ବାହାରକୁ ଯାଉଛନ୍ତି। ଏହି ଶ୍ରମିକମାନେ କିଛି ଠିକାଦାରଙ୍କ ମାଧ୍ୟମରେ ସଂଗୃହୀତ ହୋଇ ଚାଲାଣ ହେଉଛନ୍ତି କିମ୍ବା ସ୍ୱଇଚ୍ଛାରେ ନିଜ ସାଙ୍ଗସାଥୀ ମାନଙ୍କ ସହ ମିଶି ବାହାର ରାଜ୍ୟମାନଙ୍କୁ ଯାଉଛନ୍ତି। ସେହିପରି ଭାବରେ ଆମ ରାଜ୍ୟକୁ ମଧ୍ୟ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ରୁ ବହୁ ଶ୍ରମିକ କାମ ଧନ୍ଦାରେ ଆସୁଛନ୍ତି। ଏହା ବ୍ୟତୀତ କିଛି ବଙ୍ଗଳାଦେଶୀ ଲୋକ ମଧ୍ୟ ଓଡ଼ିଶାକୁ ଆସି ସ୍ଥାୟୀ ବାସିନ୍ଦା ହୋଇ ରହି ଗଲେଣି। ଆନ୍ଧ୍ରପ୍ରଦେଶରୁ ଅନେକ ଲୋକ ଓଡ଼ିଶା ଆସି ବଂଶାନୁକ୍ରମେ ବସତି ସ୍ଥାପନ କରିଗଲେଣି ମାତ୍ର ଓଡ଼ିଶାର ଶ୍ରମିକମାନେ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଯାଆନ୍ତି ଏବଂ ଫେରନ୍ତି। ବିଦେଶରେ ବସତି କରି ରହିବା ଓଡ଼ିଆ ଶ୍ରମିକଙ୍କ ସଂଖ୍ୟା ଅବଶ୍ୟ ନଗଣ୍ୟ କିନ୍ତୁ ଅତୀତରେ ଓଡ଼ିଶାର ଲୋକମାନେ ଆସାମ, ପଶ୍ଚିମବଙ୍ଗ ଆଦି ରାଜ୍ୟମାନଙ୍କରେ ବସତି କରି ରହିଯାଇଛନ୍ତି। ଓଡ଼ିଶାର ସାଧବ ପୁଅମାନେ ଜାଭା, ସୁମାତ୍ରା, ବାଲି ଆଦି ଦ୍ୱୀପରେ ଏବଂ ସୁଦୂର ବର୍ମା ଦେଶରେ ମଧ୍ୟ ରହିଯାଇ ବସତି ସ୍ଥାପନ କରିଛନ୍ତି। ଏହି ପ୍ରକ୍ରିୟା ବର୍ତ୍ତମାନ ଆଉ କାର୍ଯ୍ୟକାରୀ ହେଉ ନାହିଁ। ଓଡ଼ିଆ ଶ୍ରମିକ ବହୁ ସଂଖ୍ୟାରେ ବିଦେଶକୁ ଯାଉଛନ୍ତି ସତ, ମାତ୍ର ସେମାନେ ଅନ୍ୟତ୍ର ସ୍ଥାୟୀ ବାସିନ୍ଦା ହୋଇ ରହିବାକୁ ପସନ୍ଦ କରୁନାହାନ୍ତି।

ଓଡ଼ିଶା ଉପକୂଳ ଜିଲ୍ଲା ମାନଙ୍କରୁ ବିଦେଶ ଯାଉଥିବା ଶ୍ରମିକମାନେ ଏକାକୀ ଯାଉଥିବା ବେଳେ ପଶ୍ଚିମଓଡ଼ିଶା ବିଶେଷ କରି ବଲାଙ୍ଗୀର, ସୋନପୁର, କଳାହାଣ୍ଡି, ନୂଆପଡା, ସୁନ୍ଦରଗଡ଼ ତଥା ମୟୂରଭଞ୍ଜ ଭଳି ଜିଲ୍ଲାର ଶ୍ରମିକମାନେ ସପରିବାର ଯାଉଛନ୍ତି। ସେମାନେ ମୁଖ୍ୟତଃ ଆନ୍ଧ୍ରପ୍ରଦେଶ ଇଟାଭାଟିରେ ଓ ଛତିଶଗଡ଼ର ବାଗାନମାନଙ୍କରେ କିମ୍ବା ଅନ୍ୟ ରାଜ୍ୟର ନିର୍ମାଣ କାର୍ଯ୍ୟରେ ସପରିବାର କାର୍ଯ୍ୟ କରିବାକୁ ଯାଉଛନ୍ତି।

ଗାଁରେ ପରିବାରକୁ ଛାଡି ଏକାକୀ ଯାଉଥିବା ଯୁବକ ତଥା ମଧ୍ୟମ ବୟସର ଲୋକମାନେ ମୁଖ୍ୟତଃ ଗୁଜରାଟର ସୁରତ ଏବଂ ଅଲଙ୍ଗରେ ଯଥାକ୍ରମେ ଲୁଗାକଳ ଏବଂ ଜାହାଜଭଙ୍ଗା କାମରେ ନିୟୋଜିତ ହେଉଥିବା ବେଳେ ମହାରାଷ୍ଟ୍ରର ସୂତାକଳ ମାନଙ୍କରେ ମଧ୍ୟ କାର୍ଯ୍ୟ କରନ୍ତି। ଏହା ବ୍ୟତୀତ ସାରା ଭାରତର ବିଭିନ୍ନ ରାଜ୍ୟରେ ଓଡ଼ିଆ ଶ୍ରମିକ ରାସ୍ତାଘାଟ ନିର୍ମାଣ, କୋଠାବାଡ଼ି ନିର୍ମାଣ, ବନ୍ଧ, କେନାଲ ଆଦି ନିର୍ମାଣ କାର୍ଯ୍ୟରେ କାର୍ଯ୍ୟ କରି ବହୁ ସୁନାମ ଏବଂ ଖ୍ୟାତି ଅର୍ଜନ କରିଛନ୍ତି।

ଏହି ଉଭୟ ଶ୍ରେଣୀର ଶ୍ରମିକ ଯଥା ଏକାକୀ ଯାଉଥିବା ଏବଂ ପରିବାର ସହ ଯାଉଥିବା ଶ୍ରମିକ ବିଦେଶ ରହଣି ସମୟରେ ବହୁ ଯୌନ ବ୍ୟଭିଚାରରେ ସଂପୃକ୍ତ ହେଉଛନ୍ତି କିମ୍ବା ସଂପୃକ୍ତ ହେବାକୁ ସେମାନଙ୍କୁ ବାଧ୍ୟ କରାଯାଉଅଛି । ପରିବାର ଛାଡି ଯାଉଥିବା ଯୁବକ ଏବଂ ମଧ୍ୟମ ବୟସ୍କ ଲୋକମାନେ ନିଜର ଖଟଣି ପରେ କିଛି ମନୋରଂଜନ ପାଇଁ ବେଶ୍ୟାଳୟ ଗମନ କରି ନିଜର ଅଜ୍ଞାତ ଏବଂ ଅସାବଧାନତା ଯୋଗୁଁ ବହୁ ଭୟାଭୟ ରୋଗର ଶିକାର ହେଉଛନ୍ତି । ତନ୍ମଧ୍ୟରୁ ଏଡସ୍ ଅନ୍ୟତମ । ଏହା ବ୍ୟତୀତ ମଧ୍ୟ ଲୁଗା କଳରେ କାମ କରିବା ସମୟରେ ବହୁ ବୃତ୍ତିଗତ ରୋଗର ମଧ୍ୟ ଶିକାର ହେଉଛନ୍ତି । ସେମାନେ ପୁଣି ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଯୋଗୁଁ ନାନା ସଂକ୍ରାମକ ରୋଗରେ ପୀଡିତ ହେବା ସ୍ୱାଭାବିକ ହୋଇପଡୁଛି । ପରିବାର ସହ ବିଦେଶ ଯାଉଥିବା ଶ୍ରମିକ ମାନଙ୍କର ଝିଅ, ବୋହୂ ଏବଂ ସ୍ତ୍ରୀମାନେ ମଧ୍ୟ ଠିକାଦାର ତଥା ଅସାମାଜିକ ଲୋକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ବହୁ ମାରାତ୍ମକ ରୋଗକୁ ବରଣ କରୁଛନ୍ତି । ଏ ପ୍ରକାର କରୁଣ କାହାଣୀ ଖବରକାଗଜ ତଥା ଟିଭିରେ ବାରମ୍ବାର ପ୍ରସାର ହେଉଛି । କଳାହାଣ୍ଡି ଜିଲ୍ଲାର କିଛି ଦାଦନ ଶ୍ରମିକ ପରିବାର ଆନ୍ଧ୍ରପ୍ରଦେଶରେ ଇଟାଭାଟିରେ କାମ କରୁଥିବା ସମୟରେ ଏପରି ନିର୍ଯାତନା ଭୋଗ କରିଥିବା ବିଷୟ ପ୍ରକାଶ ପାଇଛି ।

ଅତୀତରେ କେବଳ କିଛି ପର୍ଯ୍ୟଟନ ସ୍ଥଳୀ ଯଥା ପୁରୀ ଆଦି ସହରରେ ବିଦେଶଗତ ପର୍ଯ୍ୟଟକଙ୍କ ଜରିଆରେ ଏଡସ୍ ରୋଗ ଓଡ଼ିଶାକୁ ଆସୁଥିଲା ବୋଲି କୁହାଯାଉଥିଲା । ମାତ୍ର ବର୍ତ୍ତମାନ ଏହି ଦାଦନ ଶ୍ରମିକମାନେ ବିଦେଶରୁ ଏହି ରୋଗକୁ ନିଜ ସାଙ୍ଗରେ ଆଣୁଛନ୍ତି ଏବଂ ତାଙ୍କ ପରିବାରମାନଙ୍କରେ ଏହାକୁ ସଂପ୍ରସାରିତ କରୁଛନ୍ତି; କାରଣ ଓଡ଼ିଶାର ଗାଁ ଗହଳରେ ଏଡସ୍ ସଂପର୍କରେ ଆବଶ୍ୟକୀୟ ସଚେତନତାର ଘୋର ଅଭାବ ପରିଲକ୍ଷିତ ହେଉଅଛି ।

ଏଡସ୍ ପରି ମାରାତ୍ମକ ରୋଗର ପ୍ରସାରକୁ ବନ୍ଦ କରିବା ସଙ୍ଗେ ସଙ୍ଗେ ଓଡ଼ିଶା ମାଟିକୁ ଏହି ରୋଗ ନପହଞ୍ଚିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମେତ ଜନସାଧାରଣ ମଧ୍ୟ ଅଧିକ ସଚେତନ ହେବା ସଙ୍ଗେ ସଙ୍ଗେ ଏହାର ଦମନ ନିମନ୍ତେ ଉଦ୍ୟମ କରିବା ଆବଶ୍ୟକ ।

ଏହି ରୋଗର କରାଳ କାୟାରେ ବର୍ତ୍ତମାନ ମୁଖ୍ୟତଃ ଗଞ୍ଜାମ, ଖୋର୍ଦ୍ଧା ପୁରୀ, ବଲାଙ୍ଗୀର, ନୂଆପଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ବହୁ ଶ୍ରମିକ ପରିବାର ଗ୍ରାସିତ ହୋଇଗଲେଣି । ଏପରି ରୋଗୀମାନେ ବିଭିନ୍ନ ସାମାଜିକ କାରଣରୁ ଏହାକୁ ପ୍ରକାଶ କରୁ ନାହାନ୍ତି । ତଥାପି ଉପଯୁକ୍ତ ସର୍ବେକ୍ଷଣ କରାଯାଇ ଏମାନଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର ଭାବେ ଥଇଥାନ କରି ଚିକିତ୍ସା କରିବା ଆବଶ୍ୟକ । ଫଳରେ ଏହାର ପ୍ରସାର ଅଟକା ଯାଇପାରିବ । ଶ୍ରମିକ ପରିବାରମାନଙ୍କୁ ମଧ୍ୟ ଏଡସ୍‌ର ଭୟାଭୟତା ସମ୍ପର୍କରେ ବ୍ୟାପକ ଜନସଚେତନତା କରାଯାଇ ଏହାକୁ ପ୍ରତିରୋଧ କରାଯାଇ ପାରିବ । ବର୍ତ୍ତମାନଠାରୁ ଏହି ଦୁଇ ପ୍ରକାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ ନହେଲେ ଓଡ଼ିଶା ଏଡସ୍‌ର ପ୍ରାବଲ୍ୟ ଯୋଗୁଁ ବିଶ୍ୱ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବସିବ ।

ଅଧିବକ୍ତା, ଭୁବନେଶ୍ୱର

# "କର୍ମ ମୋର, ଦୋଷ ଭାଗ୍ୟର"

ସଂଜୀବ କୁମାର ରାଉତରାୟ

ସେ ଦିନ ସକାଳେ ଚ଼ ଟେବୁଲରେ ସାଧାରଣ ଭାବରେ ଗପିଆପର୍ବ ଚାଲିଥିଲା, ସୂର୍ଯ୍ୟକିରଣ ଘର ଝରକାର ରଙ୍ଗିନ୍ କାଚ ଦେଇ ଆସି ଡାଇନିଙ୍ଗ ଟେବୁଲର କାଚ ଉପରେ ଚକ୍ ଚକ୍ କରୁଥିଲା । ସମସ୍ତେ ଟିଭି ଦେଖିବାରେ ବ୍ୟସ୍ତ । ଏଇ ସମୟରେ ସମସ୍ତଙ୍କର ଆଖିରେ କୌତୁହଳର ଆନନ୍ଦ ଖେଳିଗଲା । ଶ୍ରୀ ଜଗନ୍ନାଥଙ୍କ ଦାରୁ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରାର ସିଧା ପ୍ରସାରଣ ଦେଖୁଥାନ୍ତି, ସେହି ସମୟରେ ଗୀତିକାର ଅକ୍ଷୟ ମହାନ୍ତିଙ୍କ ଗୀତଟି ବାଜୁଥାଏ -

କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ ।
ଆମ୍ଭେ ଦର୍ଶନ କରିବୁ କାହାକୁ ।

ଏହି ଗୀତଟି ସମସ୍ତଙ୍କର ଭାବନାଟିକୁ ଭକ୍ତିରେ ରୂପାନ୍ତରିତ କରୁଥାଏ । ସମସ୍ତେ ଭାବ ବିହ୍ୱଳରେ ଭରିଯାଇଥାନ୍ତି ।

ସମସ୍ତେ କହିଲେ ଘରର କର୍ତ୍ତା ଗୌରିବାବୁ, ସ୍ତ୍ରୀ ସୁମିତ୍ରା ଦେବୀ, ଝିଅ ମିଲି ଓ ଘରର ପିଲାବେଳୁ କାମ କରି ଆସୁଥିବା ଚାକର ଟୋକା ଚକରା ଏହି ମାନଙ୍କୁ ନେଇ ଗୌରି ବାବୁଙ୍କର ଛୋଟ ପରିବାର । ଏହାର ବାହାରେ ଅତି ନିଜର ବୋଲି ଗୌରୀ ବାବୁଙ୍କର ଆଉ ଗୋଟିଏ ପରିବାର ଅଛି । ସେମାନେ ହେଲେ ପାଳିତ ପଶୁ ଦୁଇଟି ଗାଈ ଜଗା, ବଳିଆ, ବାଛୁରି ଲକ୍ଷ୍ମୀ ଓ କୁକୁର ଫାଇଲନ୍ ।

ଗୌରୀବାବୁ ଜଣେ ଟ୍ରେଡ୍ ୟୁନିୟନ ଲିଡର ଭାବେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ତାଙ୍କର ଯଶକୀର୍ତ୍ତି, ଖ୍ୟାତି, ଖାତିର ଅଛି । ଆପଣା କର୍ତ୍ତବ୍ୟରେ କେବେ ସେ ଅବହେଳା କରନ୍ତି ନାହିଁ । ରାତି ପାହିଲା ବେଳକୁ ଲୋକେ ତାଙ୍କ ଦାଣ୍ଡରେ ଠିଆ ହୋଇଥାଆନ୍ତି । ବିଭିନ୍ନ ପ୍ରକାରର ସମସ୍ୟା ନେଇ ସମସ୍ୟାଟି ଯେତେ ବଡ ହେଲେ ମଧ୍ୟ ଗୌରୀବାବୁ ତାଙ୍କର ତିକ୍ଷ୍ଣ ବୁଦ୍ଧିରେ ତତ୍‌କ୍ଷଣାତ୍ ତାର ସମାଧାନ ବାଟ କାଢ଼ି ନିଅନ୍ତି । ତେଣୁ ସେ ସମସ୍ତଙ୍କର ପ୍ରିୟ ପାତ୍ର । ଗୌରୀବାବୁଙ୍କ ସ୍ତ୍ରୀ ସୁମିତ୍ରା ଦେବୀ ଏକାଧାରାରେ ଜଣେ ମେଧାବୀ, ସ୍ନେହୀ, ପରୋପକାରୀ ସମାଜସେବୀ । ସେ ତାଙ୍କ ନିଜ ଅଞ୍ଚଳ ଓ ଆଖପାଖ ଅଞ୍ଚଳର ମହିଳା ଓ ଶିଶୁମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ପାଇଁ ଲଢ଼ନ୍ତି । ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ସେ ଗ୍ରାମାଞ୍ଚଳ ମହିଳାମାନଙ୍କୁ ସଚେତନ କରାନ୍ତି । ତେଣୁ ସେ ସମସ୍ତଙ୍କର ଭଲ ସାଥୀ ।

ସେ ଦିନ ରବିବାର ଛୁଟି ଦିନ ଥାଏ । ଗୌରି ବାବୁଙ୍କୁ ଦେଖା କରିବା ପାଇଁ ଆଖପାଖ ଅଞ୍ଚଳର ବରିଷ୍ଠ ନାଗରିକମାନେ ଆସିଥାଆନ୍ତି । ସେମାନଙ୍କର ସମସ୍ୟା ନେଇ ବରିଷ୍ଠ ନାଗରିକମାନଙ୍କ ସହିତ କଥା ହୋଇ ତାଙ୍କୁ ବିଦା କରି ଦେଲେ । ସୁମିତ୍ରା ଦେବୀଙ୍କ ସ୍ୱାମୀ ଗୌରିବାବୁଙ୍କୁ କହିଲେ ସବୁବେଳେ ଖାଲି ଲୋକମାନଙ୍କ ସମସ୍ୟା ବୁଝା ହେଉଥିବ ନା ଆମ ଘର ସମସ୍ୟା କିଛି ବୁଝାହେବ । ଗୌରିବାବୁ ସୁମିତ୍ରା ଦେବୀଙ୍କୁ କହିଲେ ମୋତେ ଗୋଲ୍ ଗୋଲ୍ କରି କଥା ନକହି ସିଧା ସିଧା କହୁନ କ'ଣ କରିବାକୁ ପଡିବ । ସୁମିତ୍ରା ଦେବୀ କହିଲେ ଘରେ ପରିବା ନାହିଁ, ତୁମେ ଚକରାକୁ ସାଙ୍ଗରେ ନେଇଯାଅ ମାର୍କେଟରୁ ପରିବା ଆଣିଲେ ରୋଷେଇ ହେବ ।

ଗୌରିବାବୁ ଚକରାକୁ ସାଙ୍ଗରେ ନେଇ ବାହାରି ଗଲେ ପରିବା ଆଣିବା ପାଇଁ। ପରିବା ହାଟରେ ଦେଖିଲେ ପରିବା ବାଲା ବିଭିନ୍ନ ପ୍ରକାରର ପରିବା ସଜେଇ କରି ରଖିଛନ୍ତି। କେଉଁଠି କଦଳୀ ପତ୍ରପରା ହୋଇ ପରିବା ଅଛି ତ ଆଉ କେଉଁଠି ଡାଳ ପତ୍ର ଲାଗିଥିବା ଜହ୍ନି, ପୋଟଳ, ବାଇଗଣ ସଜା ହୋଇଛି। ପରିବା ବାଲା ବିଭିନ୍ନ ପ୍ରକାରର ମଜାମଜା ଡାକ ଛାଡୁଥାନ୍ତି –

"ଆଣିଥିଲି ବସ୍‌ରେ ବିକିଦେଲି ଲସ୍‌ରେ", "ଆଣିଥିଲି ବସ୍ତାରେ ବିକିଦେଲି ଶସ୍ତାରେ", ନଖରା ବାରି, ଯାଉଛି ସରି।

"ଏଇ ଲଙ୍କା ଖାଇ ରାବଣ ମରିଥିଲା" ଏମିତି କିଏ କେତେ ପ୍ରକାରର ଡାକ ଡାକୁଥାନ୍ତି। ଗୌରୀବାବୁ ଚକରାକୁ ଧରି ପରିବା କିଣି ସାରିଲେ। ଏତିକି ବେଳେ ହଠାତ୍ ଗୌରୀବାବୁଙ୍କର ନଜର ପଡିଲା ରାସ୍ତା କଡରେ ପଡିଥିବା ପିଲାଟି ଉପରେ, ଗୌରୀବାବୁ ପିଲାଟିକୁ ଦେଖି ବ୍ୟସ୍ତ ହୋଇପଡିଲେ। ପାଖରେ ଥିବା ପରିବା ବାଲାକୁ ପଚାରିଲେ ଏଇ ପିଲାଟି କିଏ, ଏଠାରେ ପଡ଼ିଛି, ପରିବା ବାଲା କହିଲା ବାବୁ ଆମେ ଦୋକାନ ଖୋଲିବା ପୂର୍ବରୁ ଦେଖିଛୁ ଏଇ ପିଲାଟି ଏଠାରେ ପଡିଛି। ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଏଇଟା ବାବୁ ନିତିଦିନିଆ ଘଟଣା। ପିଲାଟି ପାଖ ବସ୍ତିର ହୋଇଥିବ, ମଦପିଇ ପଡିଛି, ନିଶା ଛାଡିଲେ ଘରକୁ ପଳେଇ ଯିବ।ଏକଥା ଶୁଣି ଗୌରୀବାବୁଙ୍କ ମନ ବୁଝିଲା ନାହିଁ। ପିଲାଟିର ପାଖକୁ ଯାଇ ଦେଖିଲେ ପିଲାଟିର ହୋସ୍ ନାହିଁ, ଗୌରୀବାବୁ ପିଲାଟିକୁ ଯେତେ ହଲେଇଲେ ବି ସେ ଉତ୍ତର ଦେଉନାହିଁ। ଗୌରୀବାବୁ ଚକରାକୁ ପରିବା ବ୍ୟାଗ୍ ଦେଇ ଘରକୁ ପଠାଇ ଦେଲେ, କହିଲେ ମା'ଙ୍କୁ କହିବୁ ବ୍ୟସ୍ତ ହେବେ ନାହିଁ, ଆଉ ସମସ୍ତେ ଖାଇ ଦେଇଥିବ। ମୁଁ ଘରେ ପହଞ୍ଚିଲା ବେଳକୁ ଡେରି ହେବ। ତା ପରେ ଗୌରୀବାବୁ ଆମ୍ବୁଲାନ୍ସକୁ ଫୋନ୍ କରି ଡକାଇଲେ। ଆମ୍ବୁଲାନ୍ସ ଆସିଲା ପରେ ପିଲାଟିକୁ ନେଇ ପାଖ ହସ୍ପିଟାଲରେ ଆଡ୍‌ମିସନ କରାଇଲେ। ଡାକ୍ତରବାବୁ ପିଲାଟିକୁ ପରୀକ୍ଷା କରି ପ୍ରଥମେ ବିଶ୍ୱାସ କରିପାରୁ ନଥିଲେ ପିଲାଟିର କ'ଣ ହୋଇଛି। ଏ ପେସେଣ୍ଟ ଏତେବେଳ ଯାଏଁ ବଞ୍ଚିଛି କେମିତି ? ଦେହ ହାତ କୋଲାପସ୍ କରିଯାଇଛି, ହାର୍ଟର ଅବସ୍ଥା ଭଲ ନାହିଁ। ଏଇ ପିଲାଟିକୁ କିଏ ନିଶା ବଟିକା ଦେଇ ମାଡମାରି ବେହୋସ କରିଦେଇଛି। ଦେହରେ ମାଡର ଦାଗ। ବ୍ରେନ୍ ଜବାବ୍ ଦେବା ଅବସ୍ଥାରେ ନାହିଁ। ତଥାପି ପେସେଣ୍ଟ ବଞ୍ଚିଛି। ମୋର ଏତେ ବର୍ଷର ଡାକ୍ତରି ଜୀବନ ଭିତରେ ଏଭଳି କେସ୍ ବହୁତ କମ୍ ଦେଖିଛି। ଗୌରିବାବୁ ବ୍ୟସ୍ତ ହୋଇପଡିଲେ ଡାକ୍ତର ବାବୁଙ୍କୁ ପଚାରିଲେ ଯଦି ଏଇଠି ପିଲାଟିର ଚିକିତ୍ସା ହୋଇପାରୁ ନାହିଁ, ତାହେଲେ କ'ଣ ଅନ୍ୟ ହସ୍ପିଟାଲକୁ ନେଇଯିବି। ଡାକ୍ତରବାବୁ କହିଲେ ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଧୈର୍ଯ୍ୟ ଧରନ୍ତୁ। ମୁଁ ହାଇ ପାୱାର ଇଞ୍ଜେକ୍‌ସନ ଓ ସାଲାଇନ୍ ଦେଇଛି, ହୋସ୍ ଆସିଯିବ। ଘଣ୍ଟାକ ପରେ ପିଲାଟିର ଚେତା ଫେରିଲା। ପିଲାଟି ପାଣି ମାଗିଲା ତା'ପରେ କହିଲା ମୋତେ ଭୋକ ଲାଗୁଛି। ଗୌରିବାବୁ ସାଙ୍ଗେ ସାଙ୍ଗେ ଡାକ୍ତରଙ୍କ ପରାମର୍ଶ ନେଲେ। ଡାକ୍ତରବାବୁ କହିଲେ ପିଲାଟିର ଚବିଶ ଘଣ୍ଟା ରେଷ୍ଟ ଦରକାର, ଆଉ ସେ ଯଦି ଖାଇବାକୁ ମାଗୁଛି ତେବେ ତାକୁ ଗରମ ଖିର ଓ ଫଳରସ ଅଳ୍ପ ଅଳ୍ପ କରି ଦିଅ। ଗରମ ଖିର ପିଇ ସାରିବାର କିଛି ଘଣ୍ଟା ପରେ ପିଲାଟି ସୁସ୍ଥ ଅନୁଭବ କରିଲା। ସେତେବେଳେ ସୁମିତ୍ରା ଦେବୀଙ୍କର ଫୋନ୍ ଆସିଲା ଗୌରୀବାବୁଙ୍କ ପାଖକୁ, ତମେ ଖାଇଲଣି ନା ନାହିଁ। ମୁଁ ଚକରାଠାରୁ ସବୁ କଥା ଶୁଣିଛି, ପିଲାଟିର ହୋସ୍ ଆସିଲାଣି ତ ? ଯଦି କିଛି ଅସୁବିଧା ହେଉଛି କୁହ ମୁଁ ଯାଇ ହସ୍ପିଟାଲରେ ପହଞ୍ଚିବି। ଗୌରିବାବୁ କହିଲେ ପିଲାଟିର ହୋସ୍ ଆସିଲାଣି, ସେ ଧିରେ ଧିରେ କଥା କହୁଛି ବ୍ୟସ୍ତ ହେବାର ନାହିଁ। ଡାକ୍ତର କହିଛନ୍ତି ଚବିଶ ଘଣ୍ଟା ରେଷ୍ଟ ଦରକାର। ଚକରା ଆସି ପହଞ୍ଚିଲା ପରେ ଚକରାକୁ ସବୁ ଦାୟିତ୍ୱ ଦେଇ ପିଲାଟିଠାରୁ ବିଦାୟ ନେଇ ଘରକୁ ବାହାରି ଗଲେ ଗୌରୀବାବୁ।

ପରଦିନ ସକାଳେ ଗୌରିବାବୁ ଓ ସୁମିତ୍ରା ଦେବୀ ପହଞ୍ଚିଲେ ହସ୍ପିଟାଲରେ । ପହଞ୍ଚି ଡାକ୍ତରଙ୍କ ସହିତ ପରାମର୍ଶ କରିଲେ । ଡାକ୍ତର କହିଲେ ପିଲାଟି ସୁସ୍ଥ ହେଲାଣି, ଆମେ ତାକୁ ଇନ୍‌ଟେନ୍‌ସିଭି କେୟାର ୟୁନିଟ୍‌ରୁ ଜେନେରାଲ ୱାର୍ଡକୁ ନେଇ ଆସିଲୁଣି । ତାର ଅକ୍ସିଜେନ୍ ମାକ୍ସ ଓ ସାଲାଇନ୍ ଛୁଞ୍ଚି ବାହାରି ସାରିଲାଣି । ମୁଁ ତାକୁ ଆଜି ସନ୍ଧ୍ୟାବେଳେ ଡିସ୍ଚାର୍ଜ କରିଦେବି । ଗୌରୀବାବୁ ଓ ସୁମିତ୍ରା ଦେବୀ ପିଲାଟିକୁ ବହୁତ ବୁଝେଇ ଶୁଝେଇ ପିଲାଟିକୁ ଘରକୁ ନେବାକୁ ଚାହିଁଲେ, କିନ୍ତୁ ପିଲାଟି କହିଲା ମୁଁ ହାଇଦ୍ରାବାଦଫେରିଯିବି । ସୁମିତ୍ରା ଦେବୀ ଗୌରୀବାବୁ ପିଲାଟିକୁ ନେଇ ଘରେ ପହଞ୍ଚିଲା ପରେ ଘରର ସମସ୍ତେ ଏକାଠି ହୋଇ ଚା ଜଳଖିଆ ଖାଇଲେ । ତା'ପରେ ଗୌରୀବାବୁ ପିଲାଟିକୁ ପଚାରିଲେ ମୋତେ ତୁମ ବିଷୟରେ ସବୁକିଛି କୁହ, କିଛି ଲୁଚେଇବ ନାହିଁ । ଆମେ ତୁମକୁ ଯଥା ସମ୍ଭବ ସାହାଯ୍ୟ କରିବୁ । ତୁମ ନା କ'ଣ, ଘର କେଉଁଠି, କ'ଣ ପାଇଁ ତୁମେ ହାଇଦ୍ରାବଦଯିବାକୁ ଚାହୁଁଛ । ପିଲାଟି କହିଲା ମୋ ନାମ ରବି, ମୋ ଘର କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇଠାରେ । ଘରଛାଡି ପ୍ରାୟ ଆଠମାସ ହୋଇଯିବ । ମୋ ଘରର କିଛି ଅସୁବିଧା ନଥିଲା । ମୁଁ ରାଗିକରି ଘର ଛାଡିଥିଲି, ସାଙ୍ଗ ପିଲାଙ୍କ ସହିତ ହାଇଦ୍ରାବାଦଚାଲିଗଲି । ସାଙ୍ଗମାନେ ଯେଉଁ ସିମେଣ୍ଟ କମ୍ପାନୀରେ କାମ କରୁଥିଲେ ମୋତେ ସେଠାକାର ମ୍ୟାନେଜରଙ୍କ ସହିତ କଥା ହୋଇ କାମରେ ଲଗାଇ ଦେଲେ ।

ପ୍ରଥମେ ପ୍ରଥମେ କାମ କରିଲା ବେଳକୁ କିଛି ଜଣାପଡିଲା ନାହିଁ । ସାତ ଆଠ ମାସ ପରେ ମୋର ଦେହ ଖରାପ ହେଲା, ନାକ ଚୋକ୍ ହୋଇଗଲା, କଥା କହିବା କଷ୍ଟ ହୋଇଗଲା, ସବୁବେଳେ ଦେହରେ ଜ୍ୱର ରହିଲା । ସାଙ୍ଗସାଥିମାନଙ୍କୁ କହିବାରୁ ସେମାନେ କହିଲେ ଆମେ ବି ପ୍ରଥମେ ପ୍ରଥମେ କାମ କରିଲା ବେଳକୁ ଏମିତି ଜ୍ୱର ହେଉଥିଲା, ବର୍ତ୍ତମାନ କିନ୍ତୁ କିଛି ନାହିଁ । ଅଭ୍ୟାସ ହୋଇଗଲେ ସବୁ ଠିକ୍ ହୋଇଯିବ । ତଥାପି ମୁଁ ଜ୍ୱରରେ କାମ କରୁଥାଏ । ଦେହକୁ ଖାଦ୍ୟ ରୁଚୁ ନଥାଏ, ଦେହ ଦୁର୍ବଳ ହୋଇଗଲା । କାମ କରିବାକୁ ଇଚ୍ଛା ହେଉ ନଥାଏ । କମ୍ପାନି ମ୍ୟାନେଜରଙ୍କୁ ଦେଖାକରି ଦେହ ଖରାପ ଯୋଗୁଁ ଛୁଟି ମାଗିଲି । ସେ ମୋତେ ତାଗିଦା କରି କହିଲେ ଛୁଟିରେ ରହିଲେ କାମ ହେବ କେମିତି ? ତା'ପରେ ମୁଁ ଡାକ୍ତରଙ୍କ ପରାମର୍ଶ ନେଲି । ଡାକ୍ତରଙ୍କୁ ମୋ ବିଷୟରେ ସବୁ କହିଲି, ଡାକ୍ତର ବାବୁ ମେଡିସିନ୍ ଲେଖିଦେଲେ ଆଉ କହିଲେ ତୁମେ ସିମେଣ୍ଟ କମ୍ପାନୀରେ କାମ କରୁଛ ? ସିମେଣ୍ଟ ଗୁଣ୍ଡ ସବୁ ନିଶ୍ୱାସରେ ଯାଇ ତୁମକୁ ଡଷ୍ଟ ଏଲାର୍ଜିକ୍ ହୋଇଛି । ମୁଁ ଯେଉଁ ମେଡିସିନ୍ ଦେଇଛି ସେଥିରେ ଭଲ ହୋଇଯିବ । କିନ୍ତୁ ମନେ ରଖିଥାଅ ତୁମର ସିମେଣ୍ଟ ଗୁଣ୍ଡ ଯୋଗୁଁ ଲଙ୍ଗସ୍ ଓ ଫୁସ୍‌ଫୁସ୍ ଜାମ୍ ହୋଇଯାଇଛି । ତେଣୁ ତୁମକୁ ନିଶ୍ୱାସ ନେବାରେ କଷ୍ଟ ହେଉଛି ପାଟି ଫିଟୁ ନାହିଁ । ତେଣୁ ତୁମେ ଆଗକୁ କାମ କରିଲେ ତୁମ ପାଇଁ ବିପଦ । ଡାକ୍ତରଙ୍କ କଥା ଶୁଣି ମୁଁ କାନ୍ଦି ପକାଇଲି । ସେ ସମୟରେ ଘର ଲୋକଙ୍କ କଥା ମନେ ପଡିଲା ବାପା, ମାଆ, ଭାଇ, ଭଉଣୀ ସମସ୍ତଙ୍କ କଥା । ମୁଁ କେବେ ଭାବି ନଥିଲି ମୋ ଜୀବନରେ ଏତେ କଷ୍ଟ ଭୋଗିବି ବୋଲି । ଘରେ ଥିଲେ ମା ମୋର ମୁଣ୍ଡରେ ପାଣିପଟି ଦେଇଥାନ୍ତା । ବାପା ଡାକ୍ତରଙ୍କୁ ଦେଖାଇ ମେଡିସିନ୍ ଦେଇଥାନ୍ତେ । ସାନ ଭାଇ ଓ ଭଉଣୀ ମୋର ସେବା କରିଥାଆନ୍ତେ, କିନ୍ତୁ ଆଜି ମୁଁ ସମ୍ପୂର୍ଣ୍ଣ ଏକା, ମୋର ସମସ୍ତେ ଥାଇ ମଧ୍ୟ ମୁଁ ଏକୁଟିଆ । ବାପା, ଭାଇ ମୋର କେତେଥର ହାଇଦ୍ରାବାଦରେ କାମ କରୁଥିବା ଆମ ଗାଁ ଲୋକଙ୍କ ହାତରେ ଖବର ପଠାଇ ଥିଲେ । ଆଜି ପର୍ଯ୍ୟନ୍ତ ସେମାନେ ମୋ ମୋବାଇଲ୍‌କୁ ଫୋନ୍ କରୁଛନ୍ତି, ମୁଁ କିନ୍ତୁ ତାଙ୍କ ଫୋନ୍ ରିସିଭ୍ କରିନି, ଦୀର୍ଘ ଆଠମାସ କଟିଗଲେ ମଧ୍ୟ ମୋ ପରିବାର ମୋ ଉପରେ ଆଶା ଛାଡି ନାହାନ୍ତି, ମା ମୋର କେଉଁ ଅବସ୍ଥାରେ ଥିବ, ମୋ ସାନ ଭଉଣୀଟି କ'ଣ କରୁଥିବ, କିନ୍ତୁ ଆଜି ମୁଁ ବୁଝିଗଲି "କର୍ମ ଅନୁସାରେ ଫଳ" । ମୁଁ ଯେମିତି କର୍ମ କରିଛି, ଆଜି ମୋ କର୍ମର ଫଳ ମୁଁ ଭୋଗ କରୁଛି ।

ଠିକ୍ ସମୟରେ ମୋର ଖାଦ୍ୟ, ମେଡିସିନ୍ ଖାଇବା ଓ ରେଷ୍ଟ ନେବାରୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ମୋର ଦେହ ଭଲ ହେବାକୁ ଲାଗିଲା । ଏବର୍ଷ ରଥଯାତ୍ରା ଗାଁରେ ପାଳିବାକୁ ଇଚ୍ଛା ହେଲା, ମୁଁ ସାଙ୍ଗମାନଙ୍କୁ ଜଣେଇଲି । ସେମାନେ କମ୍ପାନୀ ମ୍ୟାନେଜରଙ୍କୁ କହିଲେ ରବି ଆମ ସାଙ୍ଗରେ ଆସିଲା ଦିନଠୁ ଗାଁକୁ ଯାଇନି, ତାକୁ ଆଠ ଦଶ ଦିନ ପାଇଁ ଘରକୁ ଛାଡନ୍ତୁ ସେ ବୁଲି ଆସିବ । ମ୍ୟାନେଜର ପ୍ରଥମେ ରାଜି ହେଉ ନଥିଲେ, ସବୁ ସାଙ୍ଗମାନେ ମିଶି କହିବାରୁ ମ୍ୟାନେଜର ରାଜି ହୋଇ ସର୍ତ୍ତ ରଖିଲେ । ତୁମେ ଯଦି ଏଠାରୁ ଯିବ ତାହେଲେ ତୁମର ସବୁ ଜିନିଷ ଏଠାରୁ ନବ ନାହିଁ । ସିକ୍ୟୁରିଟି ଚେକ୍ କରିଲା ପରେ ତୁମକୁ ଛଡାଯିବ । ମୁଁ ସର୍ତ୍ତରେ ରାଜି ହୋଇଗଲି ମୋ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା, ମୁଁ କ'ଣ କରିଲି ନା ମୋ ଟ୍ରଙ୍କରେ ଥିବା ସବୁ ଜିନିଷକୁ ଦୁଇଟି ବ୍ୟାଗରେ ପୁରାଇ ମୁଁ ସବୁଦିନ ଯେଉଁ କମ୍ପାନୀ ବାହାରେ ଥିବା ଚା ଦୋକାନରେ ଚା ପିଏ ସେଇ ଦୋକାନରେ ନେଇ ମୋର ବ୍ୟାଗ୍ ସବୁ ରଖିଦେଲି । ଆଉ ଗୋଟିଏ ଛୋଟ ବ୍ୟାଗ୍‌ରେ ଅଳ୍ପ ଜିନିଷ ରଖିଥାଏ ଗଲା ବେଳକୁ ସାଙ୍ଗରେ ନେଇକି ଯିବି, ଯେମିତି କେହି ସନ୍ଦେହ କରିବେନି । ମୁଁ ରହୁଥିବା ଘର ସାମ୍ନାରେ ପଡିଥିବା ଇଟା ଖଣ୍ଡକୁ ନେଇ ଟ୍ରଙ୍କରେ ରଖିଦେଇ ତାଲା ପକେଇ ଦେଲି । ସିକ୍ୟୁରିଟି ଆସିଲା ରୁମ୍ ଚେକ୍ କରିବା ପାଇଁ । ମୋତେ ସେତେବେଳେ ଭାରି ଡର ଲାଗୁଥାଏ । ମୁଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଡାକୁଥାଏ । ସିକ୍ୟୁରିଟି ପ୍ରଥମେ ଟ୍ରଙ୍କଟିକୁ ଟେକି ଦେଖିଲା ଭାରି ଅଛି । ଟ୍ରଙ୍କ ପାଖରେ ଥିବା ବ୍ୟାଗଟିକୁ ଦେଖିଲେ, ମୋତେ ପଚାରିଲା ଏହି ବ୍ୟାଗଟା କ'ଣ । ମୁଁ କହିଲି ଏଇ ବ୍ୟାଗଟା ମୁଁ ଗଲାବେଳେ ସାଙ୍ଗରେ ନେଇକି ଯିବି । ସିକ୍ୟୁରିଟି ମ୍ୟାନେଜରଙ୍କ ସାଙ୍ଗରେ ମୋବାଇଲରେ କଥା ହେଲା ସାର୍ ସବୁ ଓକେ ମୁଁ ରୁମ୍ ଛାଡିଲି । ସିକ୍ୟୁରିଟି ରୁମ୍‌ରେ ତାଲା ପକାଇ ଚାବି ନେଇଗଲା । ମୁଁ ମ୍ୟାନେଜରଙ୍କ ଠାରୁ ମୋର ବକେୟା ପଇସା ହିସାବ କରି ନେଲି, ମ୍ୟାନେଜର କହିଲେ ଆଉ ଚେଷ୍ଟାକର ଯେତେ ଶୀଘ୍ର ଆସି କାମରେ ଯୋଗ ଦେବ ।

ମୁଁ ଷ୍ଟେସନକୁ ପଳାଇ ଆସିଲି, ଟ୍ରେନ୍ ଠିକ୍ ସମୟରେ ଆସି ଲାଗିଲା । ମୁଁ ଟ୍ରେନ୍‌ର ଜେନେରାଲ ବଗିରେ ଚଢ଼ିଗଲି ଆଉ ମୋତେ ବସିବାକୁ ସିଟ୍ ମିଳିଗଲା । କିଛି ସମୟ ପରେ ଟ୍ରେନ୍ ଛାଡିଲା । ମୋ ସାମ୍ନାରେ ଦୁଇ ତିନି ଜଣ ପିଲା ଆସି ବସିଲେ, ସେମାନେ ମୋ ସହିତ କଥାବାର୍ତ୍ତା ଆରମ୍ଭ କରିଦେଲେ, ସତେ ଯେମିତି ମୋତେ କେତେ ବର୍ଷ ହେଲା ଚିହ୍ନିଛନ୍ତି । ସେମାନେ ମଧ୍ୟ ଭୁବନେଶ୍ୱରରେ ରହନ୍ତି ବୋଲି ମୋତେ କହିଲେ । ମୁଁ ସେତେବେଳେ ଏହା ଭାବିଲି ଯେ ତାଙ୍କ ସହିତ ଗପସପ କରିଲେ ମୋର ଟାଇମ୍ ପାସ୍ ହୋଇଯିବ, ଆଉ ସମୟ ଜଣାପଡିବ ନାହିଁ । ମୁଁ ତାଙ୍କ ସହିତ ଗପିଲା ପରେ ମୋତେ ନିଦଆସିଲା ମୁଁ ଶୋଇ ପଡିଲି, ଅଧ ରାତିରେ ନିଦଭାଙ୍ଗିଗଲା । ଝରକା ପଟେ ବାହାରକୁ ଦେଖିଲା ବେଳକୁ କିଟ୍‌କିଟ୍ ଅନ୍ଧାର । ଆଉ ଟ୍ରେନ୍‌ଟି ଅଟକି ରହିଛି । ତା'ପରେ ଶୁଣିବାକୁ ପାଇଲି ଟ୍ରେନ୍ ଆଉ ରାତିରେ ଯିବନି, କାଲି ସକାଳେ ଯିବ । ପ୍ରବଳ ବର୍ଷା ଯୋଗୁଁ ରେଳ ଧାରଣା ତଳୁ ମାଟି ଅତଡା ଖସି ଯାଇଛି, ଲାଇନ୍ କ୍ଲିଅର ହେଲେ ସକାଳକୁ ଟ୍ରେନ୍ ଛାଡିବ । ଏହା ଶୁଣି ମୋର ଚିନ୍ତା ବଢ଼ିଗଲା । ସନ୍ଧ୍ୟା ବେଳେ ଟ୍ରେନ୍ ପହଞ୍ଚିବାର ଥିଲା । ଟ୍ରେନ୍ ପହଞ୍ଚିଲା ବେଳକୁ ରାତି ଏଗାରଟା ବାରଟା ହୋଇଯିବ । ଏତେ ରାତିରେ ଗାଁକୁ ବସ୍ ମିଳିବ ନାହିଁ । ମୋ ପାଖରେ ଏତେ ଗୁଡାଏ ପଇସା ପତ୍ର ଅଛି, ଦାମି ଲୁଗାପଟା ସବୁ ଅଛି, ଏକୁଟିଆ ପୁଣି ନୂଆ ଜାଗା, ଚିନ୍ତା କରିଲି ରାତିଟା ନହେଲେ ଷ୍ଟେସନରେ ରହିଯିବି । ସକାଳ ହେଲେ ଗାଁ ବସ୍‌ରେ ପଳେଇ ଯିବି । ଏହା ଭାବି ଭାବି ମୁଁ କଡ ଲେଉଟେଇ ପଡିଥାଏ, ନିଦହେଉ ନଥାଏ । ସକାଳ ହେଲା ନିତ୍ୟକର୍ମ ସାରି ଗାଧୋଇ ପାଧୋଇ ଟିକେ ଜଳଖିଆ ଖାଇଲି, ଗାଡି ଚାଲିଥାଏ – ଏହିପରି କ୍ରମଶଃ ସନ୍ଧ୍ୟା ହୋଇଗଲା । ମୋ ସାମ୍ନାରେ ବସିଥିବା ପିଲାମାନଙ୍କର

ଗପ ଚାଲିଥାଏ । ସେମାନେ ମୋତେ ବିସ୍କୁଟ, କୋଲଡ୍ରିଙ୍କ୍ସ ଖାଉଥାନ୍ତି । ସେମାନେ ବିସ୍କୁଟ ଓ କୋଲଡ୍ରିଙ୍କ୍ସ ମୋତେ ଦେଲେ । ମୁଁ ମନା କରିବାରୁ ସେମାନେ ବାଧ୍ୟ କଲେ, ମୁଁ ଆଉ ତାଙ୍କୁ ମନା କରିପାରୁ ନଥାଏ । ମୁଁ ବିସ୍କୁଟ ଓ କୋଲଡ୍ରିଙ୍କ୍ସ ଖାଇବାର କିଛି ସମୟ ପରେ ମୋତେ ଖାଲି ନିଦଘାରିଲା, ଚାରିଦିଗ ଅନ୍ଧାର ଦେଖାଯାଉଥାଏ । ମୁଁ ସବୁ କିଛି ଜାଣିପାରୁ ଥାଏ, କିନ୍ତୁ କିଛି କହିପାରୁ ନଥାଏ । ଏତିକି ବେଳେ ଟ୍ରେନ୍ ପହଞ୍ଚିଲା ଭୁବନେଶ୍ୱର ରେଳ ଷ୍ଟେସନରେ, ମୁଁ ଟ୍ରେନରୁ ଓହ୍ଲାଇ ସାମ୍ନାରେ ଥିବା ଚେୟାରରେ ବସି ପଡିଲି । ଟ୍ରେନ୍‌ରେ ମୋ ସାମ୍ନାରେ ବସିଥିବା ପିଲାମାନେ ପାଖକୁ ଆସିଲେ ମୋତେ କହିଲେ ତମେ ରାତି ଅଧରେ ଏକୁଟିଆ କୁଆଡେ ଯିବ, ଆମ ଘର ଏଇ ପାଖରେ ଚାଲ ଆମ ସହିତ ରାତିଟା ରହିବ ସକାଳ ହେଲେ ଗାଁକୁ ପଳେଇବ । ଆଉ ଟିକେ ଅପେକ୍ଷା କର ଆମେ ଆମ ସାଙ୍ଗକୁ ଫୋନ୍ କରିଦେଇଛୁ, ସିଏ ଆସି ପହଞ୍ଚିଲେ ଆମେ ସମସ୍ତେ ପଳେଇ ଯିବା ତା ଅଟୋରେ । କିଛି ସମୟ ପରେ ଅଟୋ ଆସି ପହଞ୍ଚିଲା, ସେମାନେ ମୋ ହାତ ଧରି ଅଟୋରେ ନେଇ ବସାଇ ଦେଲେ । ଅଟୋ ଚାଲିଲା କିଛି ବାଟ ଗଲାପରେ ଅଟୋଟି ଏକ ଅନ୍ଧାରୁଆ ଜାଗାରେ ରହିଲା । ତା'ପରେ ସେମାନେ ମୋତେ ଭିଡା ଓଟରା କରି ପଇସା ପତ୍ର ଓ ଜିନିଷ ସବୁ ନେଇଗଲେ । ଅଟୋଟି ଚାଲିଥିବା ଅବସ୍ଥାରେ ମୋତେ ଠେଲି ଦେଇ ପଳେଇ ଗଲେ । ତା'ପରେ ମୁଁ ଆଉ କିଛି ଜାଣି ନାହିଁ । ଆଖି ଖୋଲିଲା ବେଳକୁ ଦେଖିଲି ମୁଁ ହସ୍ପିଟାଲ ବେଡ୍‌ରେ । ମୋର ଭାଗ୍ୟ ଖରାପ ଯୋଗୁଁ ଏସବୁ ଘଟିଲା । ଆଜି ଭାଗ୍ୟ ମୋ ଜୀବନ ସହିତ ଖେଳ ଖେଳୁଛି, ଜୀବନ ଓ ଭାଗ୍ୟର ଲୁଚକାଳି ଖେଳ ଭିତରେ ମୁଁ କେଉଁଠି ଲୁଚି ଯାଇଛି ମୁଁ ମୋ ନିଜକୁ ଖୋଜି ପାଉନି ।

ଗୌରୀବାବୁ ରବିକୁ ବୁଝାଇ କହିଲେ ଯାହା ହେବାର କଥା ହୋଇଗଲା । ବର୍ତ୍ତମାନ ଆଉ କିଛି କଥା ନାହିଁ । ଆମେ କାଲି ସକାଳେ ତୁମକୁ ନେଇ ତୁମ ଘରେ ଛାଡି ଦେଇ ଆସିବୁ । ତୁମେ ତୁମ ଘରକୁ ଯିବ ବୋଲି ଯାହା ଲକ୍ଷ୍ୟ ରଖି ହାଇଦ୍ରାବାଦରୁ ଆସିଥିଲ ତାହା ପୂରଣ ହେବାକୁ ଯାଉଛି, ତୁମେ ଖୁସି ହେବା କଥା । ତୁମେ ଗାଁକୁ ଯିବାକୁ ରାଜି ହେଉ ନାହଁ କାହିଁକି । ରବି ଗୌରିବାବୁଙ୍କୁ କହିଲା ମୁଁ କେଉଁ ମୁହଁରେ ଗାଁକୁ ଯିବି । ମୋର ଆଠ ମାସର ସମସ୍ତ ରୋଜଗାର ପଇସା, ହାଇଦ୍ରାବାଦରୁ ଆସିଲା ବେଳକୁ ବାପାଙ୍କ ପାଇଁ ଧୋତି, ଗାମୁଛା, ସାର୍ଟକନା, ମାଆ ପାଇଁ ଶାଢ଼ି, ସାନଭାଇ ପାଇଁ ଜିନ୍ସ ପ୍ୟାଣ୍ଟ, ଟି ସାର୍ଟ ଓ ସାନ ଭଉଣୀ ପାଇଁ ଡ୍ରେସ୍ ଆଣିଥିଲି । ସବୁ ସେଇ ବଦମାସ୍ ପିଲାଗୁଡାକ ଲୁଟି ନେଇଗଲେ । ସୁମିତ୍ରା ଦେବୀ ରବିକୁ କହିଲେ ତୁମ ଜୀବନଟା ବଞ୍ଚିଗଲା ବଡ କଥା । ତୁମେ ଏବେ ହାଇଦ୍ରାବାଦରୁ ଫେରି ଆସିଲ ତୁମେ ସାରାଜୀବନ ତୁମ ପରିବାର ପାଇଁ ବହୁତ କିଛି କରିପାରିବ । ରବି ଶୁଣ ତୁମେ ତୁମ ଘର ଲୋକଙ୍କ ଉପରେ ରାଗି ଘର ଛାଡିଲ ବୋଲି କହୁଥିଲ ନା ମନେ ରଖିଥାଅ ଜନ୍ମ କରିଲା ମାଆ ବାପା କେବେ କେଉଁ ପିଲାର ଅମଙ୍ଗଳ ଚାହାନ୍ତି ନାହିଁ । ଯେଉଁ ଜନ୍ମ କରିଲା ମାଆ ବାପା ଏତେ କଷ୍ଟରେ ତା ଛୁଆକୁ ପାଳିପୋଷି ବଡ କରିଛନ୍ତି ସେ ଛୁଆ ମାଆଠାରୁ ଅଲଗା ହୋଇଗଲା ପରେ ସେଇ ମାଆର ଅବସ୍ଥା କ'ଣ ହୋଇଥିବ କେବେ ବୁଝିବାକୁ ଚେଷ୍ଟା କରିଛ । ମମତାର ପଣତକାନି ଆଜି ଆଖି ଲୁହରେ ଭିଜି ଯାଉଥିବ । ତୁମ ମାଆ ସିନା ତୁମକୁ କ୍ଷମା ଦେଇପାରେ କିନ୍ତୁ ସେ ଲୁହ ଭିଜା ପଣତକାନି କେବେ ବି ତୁମକୁ କ୍ଷମା ଦେବନି । ତୁମ ଦେହରୁ ରକ୍ତର ଗୋଟିଏ ବୁନ୍ଦା ଯଦି ଗଡିଯାଏ ତାହା ହେଉଛି ତୁମ ବାପା ମାଆଙ୍କର । ତୁମେ କେବଳ ତାଙ୍କର ରାଗ ଦେଖିଲ, ସେ ରାଗ ପଛରେ ଭଲ ପାଇବାଟିକୁ ଭୁଲିଗଲ । ବାପା ମାଆ ତାଙ୍କ ଛୁଆଙ୍କୁ ବିଶାଳ ହୃଦୟରେ ଭଲ ପାଆନ୍ତି । ସେଇ ବିଶାଳ ହୃଦୟ ଭିତରେ ଥରେ ନିଜକୁ ମାପି ଦେଖ ତୁମେ ନିଜକୁ ନିଜେ କେତେ ଛୋଟ ମନେ କରିବ ।

ଗୌରୀବାବୁ ସେଠାରେ ଉପସ୍ଥିତ ଥିବା ସ୍ତ୍ରୀ ସୁମିତ୍ରା ଦେବୀ, ଝିଅ ମିଲି, ଚାକର ଟୋକା ଚକରା ଓ ରବିକୁ କହିଲେ ଚାଲ ରାତି ବହୁତ ହେଲାଣି ଶୋଇବାକୁ ଯିବା । ଆଉ ଚକରାକୁ କହିଲେ ଆଜି ତୋ ରୁମ୍‌ରେ ରବିର ତୋର ଶୋଇପଡ ସକାଳୁ ଶୀଘ୍ର ଉଠିଲେ ଆମେ ରବିକୁ ନେଇ ତା ଗାଁରେ ଛାଡି ଦେଇ ଆସିବା । ଚାକର ଚକରା ସବୁକଥା ଶୁଣିଲା ପରେ କହିଲା - ମୁଁ ଗୋଟେ କଥା କହିବି, ଚକରା କହିଲା ରବି ଭାଇ ତମ କଥା ଆରମ୍ଭରୁ ଶେଷ ଯାଏଁ ଶୁଣି ଶୁଣି ମୁଁ କାନ୍ଦୁଛି । ପୁଣି ତମେ କେମିତି କହୁଥିଲ ହାଇଦ୍ରାବାଦଯିବ ବୋଲି । ଏତେ ସବୁ ଘଟଣା ଘଟିଗଲା ପରେ ଗାଁ ମାଟି ପରିବାର ଛାଡି ବିଦେଶକୁ ଯିବ, ବିଦେଶରେ ତୁମର କିଏ ଅଛି ଭଲ ମନ୍ଦ ବୁଝିବା ପାଇଁ । ବିଦେଶରେ ଖଟିବ ନିଜ ପରିବାର ଭିତରେ ରହି ଗାଁ ମାଟିକୁ ଭଲପାଅ । ଗାଁରେ ରହି ତୁମ ଚାଷ ଜମିରେ ସୁନା ଫଳାଅ ।

ଏକଥା ଶୁଣି ରବି କହିଲା ଆଜି ମୋ ଆଖି ଖୋଲିଗଲା । ମୁଁ ଆଜି ପର୍ଯ୍ୟନ୍ତ ଭାଗ୍ୟକୁ ଦୋଷ ଦେଇ ଆସୁଥିଲି । କିନ୍ତୁ ଆଜି ମୁଁ ବୁଝିପାରିଲି ଯେ 'କର୍ମ ମୋର, ଦୋଷ ଭାଗ୍ୟର' ।

ଅଫିସ୍ ସେକ୍ରେଟେରୀ,
ରାଜ୍ୟ ଶ୍ରମ ସଂସ୍ଥାନ, ଭୁବନେଶ୍ୱର

# ଠିକାଦାର ମାନଙ୍କର ନୈତିକ ମୂଲ୍ୟବୋଧର ଅଧୋପତନ ପ୍ରବାସୀ ଶ୍ରମିକ ମାନଙ୍କର ଦୁର୍ଦ୍ଦଶାର ମୁଖ୍ୟକାରଣ

ସୁଜାତା ଦେବୀ

ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଶ୍ରମିକମାନେ ବିଭିନ୍ନ କାରଣରୁ ନିଜେ ନିଜେ କିମ୍ବା କୌଣସି ମଧ୍ୟସ୍ଥି/ଠିକାଦାର ମାନଙ୍କ ମାଧ୍ୟମରେ ଭାରତର ଅନ୍ୟ ରାଜ୍ୟକୁ କାର୍ଯ୍ୟ କରିବା ନିମନ୍ତେ ଯାଇଥାନ୍ତି । ପ୍ରାୟତଃ ଶ୍ରମିକମାନେ ବିଭିନ୍ନ ଠିକାଦାର ମାନଙ୍କ ଦ୍ୱାରା ସଂଗୃହୀତ ହୋଇଥାଆନ୍ତି । ଶ୍ରମିକମାନଙ୍କୁ ସଂଗ୍ରହ କରିବା ସମୟରେ ଠିକାଦାର ଏମାନଙ୍କୁ ଭଲ ମଜୁରି ପ୍ରଦାନର ପ୍ରତିଶ୍ରୁତି ଦେଇଥାନ୍ତି ଓ ଅନେକାଂଶରେ ଲୋଭ ଦେଖାଇବାକୁ କିଛି ଅଗ୍ରୀମ ଟଙ୍କା ମଧ୍ୟ ଦେଇଥାନ୍ତି । ରାଜ୍ୟର ପଶ୍ଚିମାଞ୍ଚଳର ଜିଲ୍ଲାଗୁଡ଼ିକର ଅନୁନ୍ନତ ଗ୍ରାମାଞ୍ଚଳର ଶ୍ରମିକମାନେ ଋଣଗ୍ରସ୍ତ ଓ ଅଶିକ୍ଷିତ ହୋଇଥିବାରୁ ଠିକାଦାର ସେମାନଙ୍କୁ ଭଲ ମଜୁରୀ ଲୋଭର ବଶବର୍ତ୍ତୀ କରାଇବାରେ ସକ୍ଷମ ହୋଇଥାନ୍ତି ଓ ସେମାନେ ସପରିବାର ପ୍ରବାସ କରିଥାନ୍ତି । ଏପରିକି ଟ୍ରେନ୍‌ରେ କିମ୍ବା ବସ୍‌ରେ ଚଢ଼ିବା ସମୟରେ ତାଙ୍କୁ କେହି ଯଦି ପଚାରନ୍ତି କୁଆଡେ ଆଉ କାହିଁକି ଯାଉଛ ବୋଲି ଉତ୍ତର ମିଳେ "ଆମେ ତୀର୍ଥ କରିବାକୁ ଯାଉଛୁ" କିମ୍ବା ଆମେ ଆମ ଇଚ୍ଛାରେ କାମ କରିବାକୁ ଯାଉଛୁ । ପ୍ରକୃତରେ ଏହିମାନେ ହିଁ ଦାଦନ ଶ୍ରମିକ । "ଦାଦନ" ଅର୍ଥ "ଅଗ୍ରୀମ" । ଅଗ୍ରୀମ ଟଙ୍କା ଦେଇ ଯେଉଁମାନେ ରାଜ୍ୟ ବାହାରକୁ କାମ କରିବାକୁ ଠିକାଦାର ମାନଙ୍କର ଜରିଆରେ ଯାଆନ୍ତି ସେମାନେ ଦାଦନ ଶ୍ରମିକ ବା ପ୍ରବାସିକ ଶ୍ରମିକ ।

ପ୍ରବାସିକ ଶ୍ରମିକମାନଙ୍କୁ ମଜୁରୀ, ଶ୍ରମ ମଙ୍ଗଳ, ସାମାଜିକ ସୁରକ୍ଷା ଆଦି ବ୍ୟବସ୍ଥାର ସୁରକ୍ଷିତ କରିବା ନିମନ୍ତେ ବିଭିନ୍ନ ଶ୍ରମ ଆଇନରେ ବ୍ୟାପକ ବ୍ୟବସ୍ଥା ରହିଛି; ଯଥା ପ୍ରବାସିକ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଆଇନ, ୧୯୭୯, ଶିଳ୍ପ ବିବାଦଆଇନ, ୧୯୪୭, କର୍ମଚାରୀ (ପୂର୍ବରୁ ଶ୍ରମିକ) କ୍ଷତି ପୁରଣ ଆଇନ୍, ୧୯୨୩, ମଜୁରୀ ପ୍ରଦାନ ଆଇନ, ୧୯୩୬, କର୍ମଚାରୀ ରାଜ୍ୟ ବୀମା ଆଇନ, ୧୯୪୮, କର୍ମଚାରୀ ଭବିଷ୍ୟନିଧି ଆଇନ, ୧୯୫୨, ପ୍ରସୂତୀ ଆଇନ, ୧୯୬୧, ଶିଶୁ ଶ୍ରମିକ (ନିବାରଣ ଓ ନିୟନ୍ତ୍ରଣ) ଆଇନ, ୧୯୮୬, ବୋନସ ପ୍ରଦାନ ଆଇନ, ୧୯୬୫, ଗ୍ରାଚୁରଟି ପ୍ରଦାନ ଆଇନ, ୧୯୭୨, ଠିକା ଶ୍ରମିକ, ଆଇନ ୧୯୭୦, ସମାନ ମଜୁରି ଆଇନ ୧୯୭୬, ସବୁନିମ୍ନ ମଜୁରୀ ଆଇନ, ୧୯୪୮ କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ, ୧୯୯୬ ଓ କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କୁ ଯୌନ ନିର୍ଯ୍ୟାତନା (ନିବାରଣ, ନିଷେଧ ଓ ସମାଧାନ)ଆଇନ, ୨୦୧୩ । ଦାଦନ ଶ୍ରମିକମାନଙ୍କ କ୍ଷେତ୍ରରେ କିନ୍ତୁ ଏହି ସବୁ ଆଇନର ବାସ୍ତବ କାର୍ଯ୍ୟକାରୀତା ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠିଛି । ପରିସଂଖ୍ୟାନର ତଥ୍ୟକୁ ଆଧାର କଲେ ଦେଖାଯିବ ଯେ, ବାସ୍ତବ କ୍ଷେତ୍ରରେ ଏହି ସବୁ ଆଇନର ସଫଳ କାର୍ଯ୍ୟକାରୀତା ନହେବାରେ ମୁଖ୍ୟ କାରଣ ଠିକାଦାର ମାନଙ୍କର ନୈତିକ ମୂଲ୍ୟବୋଧର ଅଧୋପତନ । ଠିକାଦାରମାନେ ନିଜର ସ୍ୱାର୍ଥ ପାଇଁ ଓ ଅଧିକ ଲାଭ ହାସଲ କରିବାକୁ ଶ୍ରମିକମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା, ବେତନ ସୁରକ୍ଷାରୁ ବଞ୍ଚିତ କରିଥାଆନ୍ତି । କାମ କରିବା ସ୍ଥାନରେ ଦାଦନ ଶ୍ରମିକମାନେ ପହଞ୍ଚିବା ପରେ ସେମାନଙ୍କର ସବୁ ସୁଖ ସ୍ୱପ୍ନ ପାଣିରେ ମିଳେଇ ଯାଇଥାଏ । ସେମାନଙ୍କୁ ଦୈନିକ ଦଶ ଘଣ୍ଟାରୁ ପନ୍ଦର ଘଣ୍ଟା ପର୍ଯ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ କାମ କରିବାକୁ ବାଧ୍ୟ କରାଯାଇଥାଏ । ଅଧିକା ସମୟ କାମ କଲେ ମଜୁରୀ ଅଧିକା ମିଳେ ନାହିଁ, ସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ଘର ମିଳେ ନାହିଁ, ଦେହ ଖରାପ ହେଲେ ଚିକିତ୍ସା ଓ ଔଷଧ ମଧ୍ୟ ଦିଆଯାଏ ନାହିଁ, କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣା ଘଟିଲେ କ୍ଷତିପୂରଣ ମିଳେନି, ମରିଗଲେ ମୃତ ଶରୀର ମିଳେ ନାହିଁ, ହଜିଗଲେ ପରିଚୟ ମଧ୍ୟ ମିଳେ ନାହିଁ । ଦାଦନ ଶ୍ରମିକ ମାନଙ୍କର ଏହିସବୁ କରୁଣ କାହାଣୀ ପ୍ରାୟ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥାଏ । ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଏସବୁ ସମସ୍ୟାର ସମାଧାନ ଠିକାଦାରମାନଙ୍କର

ମାନସିକତାର ପରିବର୍ତ୍ତନ ହୋଇପାରିବ । ଠିକାଦାରମାନେ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଓ ଅଧିକ ଲୋଭ ଆଶାରେ ଦାଦନ ଶ୍ରମିକମାନଙ୍କୁ ଶୋଷିତ ହେବାକୁ ଛାଡି ଦେଇଥାନ୍ତି ଓ ସେମାନଙ୍କର ସାମାଜିକ, ଆର୍ଥିକ ସୁରକ୍ଷା ପ୍ରତି ଧ୍ୟାନ ଦେଇ ନଥାନ୍ତି । ଠିକାଦାରମାନେ ଦାଦନ ଶ୍ରମିକମାନଙ୍କୁ ତାଙ୍କର ନ୍ୟାୟିକ, ଅଧିକାର ବିଷୟରେ ସଚେତନ କରାଇବାକୁ କୁଣ୍ଠାବୋଧ କରିଥାଆନ୍ତି । କାରଣ ତାହା କାଳେ ଶ୍ରମିକମାନେ ତାଙ୍କ ବିରୁଦ୍ଧରେ ପ୍ରୟୋଗ କରିବେ ସେଥିରୁ ଆଶଙ୍କିତ ହୋଇ ପଡିଥାଆନ୍ତି । ସେମାନେ ଭୁଲି ଯାଆନ୍ତି ଯେ ସାମାନ୍ୟ କେତେ ଟଙ୍କା ଏକକାଳୀନ ଦେଇ ମୁଖ୍ୟ ନିଯୋକ୍ତା ସେହି ଦାଦନ ଶ୍ରମିକଙ୍କଠାରୁ ସେହି ଟଙ୍କାର କେତେ ଗୁଣା ଶ୍ରମ ଆଦାୟ କରି ନେଇଯାଆନ୍ତି । ନିଜର ସ୍ୱଳ୍ପ ଫାଇଦା ପାଇଁ ସେମାନେ ଅଜାଣତରେ ମୁଖ୍ୟ ନିଯୋକ୍ତାଙ୍କୁ ଅନେକ ଫାଇଦା ଦେଇ ଦେଇଥାଆନ୍ତି ।

ଆମ ରାଜ୍ୟରେ ଯଥା ବିଶେଷ କରି ପଶ୍ଚିମ ଓଡ଼ିଶାର ଶ୍ରମ କାର୍ଯ୍ୟାଳୟ ଗୁଡିକରେ ଦାଦନ ଠିକାଦାର ମାନଙ୍କର ଯେଉଁମାନେ ଲାଇସେନସ୍ ପାଇଁ ଦରଖାସ୍ତ କରନ୍ତି ଓ ଯେଉଁମାନେ ଜାଣି ଶୁଣି ଲାଇସେନସ୍ ନିଅନ୍ତି ନାହିଁ ସେମାନଙ୍କର ଏକ ସଚେତନତା କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ ଓ ସେମାନଙ୍କୁ ନୈତିକ ଓ ମାନବିକ ମୂଲ୍ୟବୋଧ ବିଷୟରେ ଅବଗତ କରାଯାଇ ଶ୍ରମିକ ମାନଙ୍କୁ ନିଯୁକ୍ତି ପାଇଁ ଅନ୍ୟ ରାଜ୍ୟକୁ ନେବା ସମୟରେ ଶ୍ରମ ବିଭାଗରେ ରେଜିଷ୍ଟ୍ରେସନ କରି ଓ ଯେଉଁଠାରେ ଶ୍ରମିକ ମାନଙ୍କୁ କାମରେ ଲଗାଇବେ ସେହି ସଂସ୍ଥାର ମୁଖ୍ୟ ନିଯୋକ୍ତାଙ୍କଠାରୁ ଅନୁମତି ପତ୍ର ଆଣି ଶ୍ରମ କାର୍ଯ୍ୟାଳୟରେ ଜମା କରିବାକୁ ପ୍ରବର୍ତ୍ତାଇବା ଦରକାର । ଏହା କରାଯାଇ ପାରିଲେ ପ୍ରବାସିକ ଶ୍ରମିକମାନେ କାର୍ଯ୍ୟସ୍ଥଳୀରେ ପହଞ୍ଚିଲେ ସେମାନଙ୍କର ପରିଚୟ ଓ ସେମାନଙ୍କର କାର୍ଯ୍ୟ ବିବରଣୀ ସରକାରଙ୍କ ଶ୍ରମ ବିଭାଗରେ ରହିପାରିବ ଓ ଶ୍ରମିକମାନେ ତାଙ୍କର ଆଇନଗତ ନାର୍ଯ୍ୟ ପ୍ରାପ୍ୟ ପାଇବାରେ ସହାୟକ ହେବ । ଯେଉଁ ଠିକାଦାରମାନେ ଶ୍ରମ କାର୍ଯ୍ୟାଳୟର ଅନୁମତି ବିନା ଶ୍ରମିକ ଚାଲଣ କରୁଛନ୍ତି ସେମାନଙ୍କୁ ଆଧ୍ୟାତ୍ମିକ ଚେତନା ମାଧ୍ୟରେ 'ମାନବ ଚାଲଣ ଓ ଶୋଷଣ'ର ଆଧ୍ୟାତ୍ମିକ କୁପରିଣାମ ବିଷୟରେ ବିଭିନ୍ନ ଧର୍ମଗ୍ରନ୍ଥରେ ଦିଆଯାଇଥିବା ବାଣୀର ପ୍ରଚାର ଦ୍ୱାରା ବାରମ୍ବାର ସଚେତନ କରିବା ଆବଶ୍ୟକ । ସେମାନଙ୍କୁ ବୁଝାଯିବା ଦରକାର ଯେ ମନୁଷ୍ୟ ଜନ୍ମ ଭଗବାନଙ୍କ ଶ୍ରେଷ୍ଠଦାନ ଓ ମନୁଷ୍ୟର କର୍ମ ଭଗବାନଙ୍କ ଆଶୀର୍ବାଦରୁ ହିଁ ସମ୍ଭବ ହୋଇପାରିଛି । ତେଣୁ ଅନ୍ୟ ମନୁଷ୍ୟର ଜୀବନ ନଷ୍ଟ କରିବା ଭଗବାନଙ୍କ ଦାନର ଅପବ୍ୟବହାର କରିବା ବା ନଷ୍ଟ କରିବା ସଙ୍ଗେ ସମାନ । ଏ ବିଷୟରେ ଠିକାଦାର ମାନଙ୍କୁ ସଚେତନ କରାଗଲେ ସେମାନଙ୍କର ନୈତିକ ମୂଲ୍ୟବୋଧର ଅବକ୍ଷୟ ରୋକାଯାଇପାରିବ । ତାହା ହୋଇପାରିଲେ ଦାଦନ ଶ୍ରମିକମାନଙ୍କୁ ବିଭିନ୍ନ ଶ୍ରମ ଆଇନର ସୁଫଳ ମିଳିପାରିବ ।

ଶ୍ରୀ ଜଗନ୍ନାଥ ବିହାର,
ବରମୁଣ୍ଡା, ଭୁବନେଶ୍ୱର

# ଧିକ୍ ଆମ ଜୀବନ, ଧିକ୍ ସେ ବିଦେଶ ଭ୍ରମଣ

ଅଜିତ୍ କୁମାର ସାହୁ

ଓଡ଼ିଶା, ଆମେ ଓଡ଼ିଆ । ଏ ଜନ୍ମ ମାଟି ହେଉଛି ଆମର "ମାଆ" । ଆମ ମାଆକୁ ଆମେ ଅସମ୍ମାନ କରି ଆମେ କାହିଁକି ବିଦେଶ ଯିବାକୁ ଚାହୁଁଛେ । ପ୍ରକୃତରେ ବିଦେଶରେ ଅଛି କ'ଣ ? କାହିଁକି ବିଦେଶ ଯିବାକୁ ଆମ ମନ ବ୍ୟାକୁଳ । ଏହି କଥା ମୁଁ ଅନେକ ସମୟରେ ନିରୋଳାରେ ଭାବେ । କିନ୍ତୁ ଆଜିଯାଏ, ସେ ଉତ୍ତର ପାଇ ପାରୁ ନାହିଁ । ଏ ମାଟି ଆମର ଜନ୍ମଭୂମି । ଏ ମାଟିରେ ଅନେ୍ୟକ ବୀର ପୁତ୍ର ଜନ୍ମ ହୋଇଛନ୍ତି । ଆଉ ବିଲିନ ମଧ୍ୟ ହୋଇଛନ୍ତି । ସେମାନେ ଅନେକ କିଛି ସ୍ମୃତି ଏ ମାଟିରେ ଛାଡି ଦେଇଛନ୍ତି । ହେଲେ, ଆମେ ସେ ସବୁ କିଛି ବୁଝିପାରୁ ନାହିଁ । ସେଥିପାଇଁ ବିଦେଶ ଚାଲି ଯାଉଛେ ଦାଦନ ଖଟିବା ପାଇଁ ।

ଆମେ ଯଦି ପ୍ରକୃତରେ ଓଡ଼ିଆ, ଆମ ଦେହରେ ଯଦି ପ୍ରକୃତରେ ଓଡ଼ିଆଙ୍କ ରକ୍ତ ବହୁଛି । ଆସରେ ଭାଇ ଆସ ଆମେ ସମସ୍ତେ ଏକାଠି ହେବା । ଆମ ଦେହରୁ ସମସ୍ତ ଝାଳ, ଏ ମାଟି 'ମାଆ' ଉପରେ ପକାଇ ଦେବା । ଦେଖିବ ଏ ମାଟି ମାଆ ଆମର କଥା କହିବ । ଏ ମାଟିରେ ସୁନା ଫଳିବ । ଏ ଭିଟା ମାଟି ଛାଡି ଦାଦନ ଖଟିବା ପାଇଁ ବିଦେଶ ଯିବାକୁ ମନ ଚାହିଁବ ନାହିଁ ।

ଏହି ବିଦେଶ ଯିବା କଥାରୁ ମୋ ଜେଜେଙ୍କ କଥା ମନେ ପଡିଯାଉଛି । ସେତେବେଳେ ମୁଁ ବହୁତ ଛୋଟ ପିଲା ହୋଇଥିଲି । ମୋ ଜେଜେ ଗୋଟେ ଛୋଟ କାହାଣୀଟିଏ ମୋତେ କହିଲେ । ସେ କାହାଣୀକୁ ମୁଁ ଆପଣମାନଙ୍କ ସମ୍ମୁଖକୁ ଆଣୁଛି ।

ଯାଜପୁର ଜିଲ୍ଲାର ସୋନିଆ ଏକ ଗ୍ରାମ ଥିଲା । ସେ ଗ୍ରାମରେ କୁନା ପ୍ରଧାନ ବୋଲି ଚାଷିଟିଏ ରହୁଥିଲା । ତାର ସାତୋଟି ପୁଅ ଥିଲେ । ସାତ ପୁଅଯାକ କର୍ମ କୋଡିଆ । କୁଟାକୁ ଦିଖଣ୍ଡ କରନ୍ତି ନାହିଁ । ଚିକ୍କଣ ଖାଇବା, ଚିକ୍କଣ ପିନ୍ଧିବାଷ୍ଟାଇଲ ମାରି ଗାଁ ଦାଣ୍ଡରେ ପ୍ରହରା ମାରିବା ଏସବୁ କାମ କରିବାରେ ସେମାନେ ଯେମିତି ଆନନ୍ଦ ପାଆନ୍ତି । ପିତାଙ୍କର ଏପରି ହାବଭାବ ଦେଖି ବାପାଙ୍କର ଚିନ୍ତା ବଢ଼ି ବଢ଼ି ଯାଉଥାଏ । ମୁଣ୍ଡରୁ ଝାଳ ନିଗାଡି ପିଲାମାନଙ୍କ ପାଇଁ ଆହାର ଯୋଗାଇବା ବାପା ମାଆଙ୍କର ପ୍ରଧାନ କାର୍ଯ୍ୟକ୍ରମ । ଯଦି ପିଲାମାନେ ଅବାଟରେ ଯିବେ, ତାହା ହେଲେ ବାପା ମାଆମାନେ କ'ଣ କରିପାରିବେ ।

ଏହିପରି ସାତପୁଅଙ୍କୁ ବାପା ଡାକନ୍ତି । କିଛି ସେମାନଙ୍କୁ କୁହନ୍ତି ତୁମେ ତ ଏବେ, ଛୋଟପିଲା ହୋଇ ନାହଁ ବଡ ହୋଇଗଲଣି । ତୁମ ମୁଣ୍ଡକୁ ହାତ ପାଇଗଲାଣି । ମୋର ସ୍ୱପ୍ନ ଅଛି ତୁମ ମାନଙ୍କୁ ହାତକୁ ଦିହାତ କରାଇଦେଲେ ମୁଁ ଟିକେ ଶାନ୍ତିରେ ମରିବି । ହେଲେ ତୁମ ମାନଙ୍କୁ କୋଉ ବାପ ତା ଝିଅକୁ ଟେକି ଦେବ । ମୋ କଥା ମାନ - କାଲିଠାରୁ ହଳ କରିବା ପାଇଁ ମୋ ସାଥିରେ ଚାଲ । ଆମେ ବାପ ପୁଅ ଯଦି ମିଶିକରି ହଳ କରିବା । ତାହା କେତେ ପରିମାଣରେ ଫଳ ମିଳିବ ତାହା ତୁମେ ଜାଣିଛ । ମୁଁ ତ ବୁଢା ଲୋକଟା ମୁଁ ବା ଆଉ କେତେ ଖଟିବି । ତୁମେମାନେ ଯଦି ମୋତେ କାନ୍ଧ ନଦେବ ତାହେଲେ ମୁଁ କ'ଣ କରିପାରିବି ।

ବାପାଙ୍କ କଥା ଶୁଣି ପୁଅମାନେ ଉତ୍ତର ଦିଅନ୍ତି । ଦେଖନ୍ତୁ ବାପା, ତୁମେ ଆମକୁ ସବୁ କଥା କୁହ ଅଥଚ ଚାଷ କରିବା ପାଇଁ ଏ କୋଦାଳ, ଫାଉଡା ଧରିବା କଥା ଜମାରୁ କୁହନ୍ତୁ ନାହିଁ । ଆମେ କେତେ ସ୍ୱପ୍ନ ଦେଖୁଛୁ । ଆମେ ବିଦେଶ ଯିବୁ, ସେଠି କାମ କରିବୁ । ବରଷକୁ ଥରେ ଗାଁକୁ ଆସିବୁ । ପକେଟରେ ପୁଳା ପୁଳା ଟଙ୍କା ଧରିକି ଆସିଥିବୁ । ଅଥଚ ତୁମେ ଆମ ସ୍ୱପ୍ନକୁ ସ୍ୱପ୍ନରେ ରଖି ଦେଉଛ । ତୁମେ ଆମ ଖୁସିକୁ ଦେଖି ପାରିବ ନାହିଁ ବୋଲି ଆମକୁ ବିଦେଶ ଯିବାକୁ ମନା କରୁଛ । କାହିଁକି ବାପା, ଆମ ଖୁସିକୁ ଆମ ଠାରୁ ଛଡାଇ ନେଉଛ ।

ବାପା କୁହନ୍ତି - ଠିକ୍ ଅଛି । ମୁଁ ବା କିଏ ତୁମ ଠାରୁ ତୁମ ଖୁସିକୁ ଛଡାଇବା ପାଇଁ । ତୁମେମାନେ ଯଦି ଚାହୁଁଛ ବିଦେଶ ଯିବ ଦାଦନ ଖଟିବାକୁ ମୋର କିଛି କହିବାର ନାହିଁ । ତୁମେମାନେ ନିଶ୍ଚିତ ବିଦେଶ ଯିବ । ଆସନ୍ତା କାଲି ତୁମେମାନେ ବିଦେଶ ଯାତ୍ରା କରିବ । ହେଲେ ବାପ ହୋଇ ତୁମ ମାନଙ୍କୁ ଗୋଟିଏ କଥା କହୁଛି । ଏ କଥାକୁ ମନେ ରଖିଥିବ । ଯେଉଁ ପିଲାମାନେ ବାପା ମାଆଙ୍କ ଆଖିରେ ଲୁହ ଦେଇ ବିଦେଶ ଯାତ୍ରା କରନ୍ତି, ତାଙ୍କର ବିଦେଶ ଯାତ୍ରା ସଫଳ ହୁଏ ନାହିଁ । ତୁମେମାନେ ମୋ କଥାକୁ ଅମାନ୍ୟ କରି ବିଦେଶ ଯିବାକୁ ଚାହୁଁଛ, ଯାଅ । ମୋର କିଛି କହିବାର ନାହିଁ କହି ବାପା ଚାଲି ଯାଆନ୍ତି । ଏମାନଙ୍କ ଗୋଡ ତଳେ ଲାଗୁ ନଥାଏ । କାରଣ ଏମାନେ ବିଦେଶ ଯିବେ । ଦାଦନ ଶ୍ରମିକ ହେବା ପାଇଁ । ଯାହା ହେଉ ପଛେ ପିଲାମାନେ ଏବେ ବିଦେଶ ଚାଲିଗଲେ । ପିଲାଙ୍କ କଥା ଭାବି ଭାବି କୁନା ପ୍ରଧାନର ଦେହ ଖରାପ ହୋଇଯାଏ । ପିଲାମାନଙ୍କ କତିକି ଖବର ପଠାଯାଏ । ହେଲେ ପିଲାମାନେ କୌଣସି କାରଣରୁ ଆସି ପାରନ୍ତି ନାହିଁ । ବୁଢ଼ା ଏବେ ମରଣ ଦ୍ୱାର ମୁହରେ । ବୁଢ଼ା ମନେ ମନେ ଭାବୁଥାଏ ମଲା ବେଳକୁ ଟିକେ ପିଲାମାନଙ୍କର ମୁହଁ ଦେଖି ପାରିଲି ନାହିଁ । ପିଲାମାନେ କାହିଁକି ବିଦେଶ ଯାଉଛନ୍ତି । ବିପଦଆପଦସମୟରେ ପାଖରେ ଠିଆ ହୋଇ ପାରୁନାହାନ୍ତି । କ'ଣ ମିଳୁଛି ସେ ବିଦେଶରୁ । କାହିଁକି ଯାଉଛନ୍ତି ସେଠାକୁ । ସେମାନେ ଚାହୁଁଛନ୍ତି ଆମେ ରାତାରାତି ଲକ୍ଷପତି ହେବୁ ବୋଲି । ସେମାନେ ଜାଣି ପାରୁ ନାହାନ୍ତି ଟଙ୍କେ ଟଙ୍କେ ମିଶି ଦୁଇଟଙ୍କା ହୋଇଥାଏ । ଦୁଇଟଙ୍କା ଶହେ ଟଙ୍କା ହୋଇଥାଏ । ସେହି ଶହେ ଟଙ୍କା ମିଶାଇଲେ ହଜାର ଟଙ୍କା ହୋଇଥାଏ । ହଜାର ହଜାର ମିଶିଲେ ଲକ୍ଷ ହୋଇଥାଏ । ଆଜିର ପିଲାମାନେ ଏକ ଟଙ୍କାକୁ କ୍ଷୁଦ୍ର ପଇସା ଭାବି ହେୟ ଜ୍ଞାନ କରି ଦେଉଛନ୍ତି । ସପନ ଦେଖୁଛନ୍ତି ଆମେ ଏକାଥରେ ଲକ୍ଷପତି ହେବୁ ବୋଲି । ସେଥିପାଇଁ ବିଦେଶ ଚାଲିଯାଉଛନ୍ତି । ଏହା ଭାବୁ ଭାବୁ ବୁଢ଼ାର ଜୀବନ କେତେବେଳେ ଚାଲିଗଲାଣି । ଏହିପରି ଭାବେ କିଛିଦିନ ବିତିଗଲା । ପୁଅମାନେ ଏବେ ଘରକୁ ବାହୁଡିଲେ । ନିଜ ଘରକୁ ନିଜେ ମଧ୍ୟ ଚିହ୍ନିପାରୁ ନାହାନ୍ତି । କାରଣ ସେ ଘରେ ଅଳନ୍ଧୁ, ଡାଳ ପତ୍ର ଏପରି ଅନେକ କିଛି ପଡି ରହିଛି । ସେ ଯାହା ହେଉ ସାତଭାଇ ଯାକ ସେ ସବୁକୁ ଝଡା ଝଡି କରି ଘର ଭିତରକୁ ପସିଲେ । ତାଙ୍କ ବାପା ଯେଉଁ ଖଟ ଉପରେ ଶୁଅନ୍ତି, ସେ ଖଟରେ ଏ ସାତପୁଅଯାକ ଯାଇ ବସିଲେ । ବାପାଙ୍କ କଥା ଭାବୁଥାଆନ୍ତି । ମନେ ମନେ ମଧ୍ୟ କାନ୍ଦୁ ଥାଆନ୍ତି । ସାନଭାଇ ତକିଆକୁ ଟେକି ଦେଲା, ତକିଆ ତଳେ ଗୋଟିଏ କାଗଜ ଥିଲା । ସେ କାଗଜରେ କିଛି ଲେଖା ଥିଲା । ସେ କାଗଜରେ ଏହା ଲେଖା ଥିଲା ଯେ - ତୁମେ ମାନେ ମୋଠାରୁ ଦୂରେଇ ଗଲ । ହେଲେ ତୁମମାନଙ୍କୁ କିଛି ଦେବାକୁ ଚାହୁଁଥିଲି । ହେଲେ ଦେଇପାରିଲି ନାହିଁ । ସେଥିପାଇଁ ସେ ସବୁକୁ ଆମ ଜମିରେ ପୋତି ଦେଇ ଆସିଛି । ବାପାର ଶେଷ ସନ୍ତକ ଭାବି ସେ ଜମିରୁ ଆଣି ନିଜ ପାଖରେ ରଖ । ସାତଭାଇ ଯାକ ଆଉ ଡେରି ନକରି ତୁରନ୍ତ ଜମି ଆଡକୁ ଅଗ୍ରସର ହେଲେ । ଯେଉଁମାନେ ଜମି ନାଁ ଶୁଣିଲେ ଡେଉଁଥିଲେସେମାନେ ଆଜି କୋଦାଳ, ଫାଉଡା, କୋଡି ଧରି ଜମି ମୁହେଁ ଆଗେଇ ଗଲେ । ସେ ଜମିକୁ ସାତଭାଇଯାକ ଝାଳ ନାଳ ହୋଇ ଖୋଳା ଖୋଳି କଲେ । ହେଲେ କିଛି ପାଇଲେ ନାହିଁ । ସମସ୍ତଙ୍କ ମନେ ଏବେ ଏବେ ଚିନ୍ତା, ପ୍ରକୃତରେ

ବାପା ଆମକୁ କ'ଣ ଦେବାକୁ ଚାହୁଁଥିଲେ । ଏହା ଭାବୁ ଭାବୁ ବଡ ଭାଇକୁ ଗୋଟିଏ ବୁଦ୍ଧି ଆସିଲା । ସବୁ ଭାଇକୁ କହିଲା, ଦେଖ ଆମେ ଏତେ କଷ୍ଟ କରି ଏ ଜମିକୁ ଖୋଳି ଦେଇଛେ । ଆମେ ଚାହିଁଲେ ଏ ଜମିରୁ ସୁନା ହିଁ ଫଳିବ । ଆଗକୁ ବର୍ଷା ଋତୁ ଆସୁଛି । ଆମେ ଯଦି କିଛି ଏ ଜମିରେ ଧାନ ବୁଣି ଦେବା । ତାହା ଆମକୁ ଆମ କଷ୍ଟର ଫଳ ନିଶ୍ଚିତ ଦେବ । ବୋଧେ ବାପା ଆମଠାରୁ ଏହା ହିଁ ଚାହୁଁଥିଲେ । ଯାହା ଭାବିଲେ ତାହା କାର୍ଯ୍ୟରେ ପରିଣତ କରିଦେଲେ । ଜମି ସାରା ଧାନ ବୁଣି ଦେଲେ । ୧୫ ଦିନ ଗଲା ପରେ ଧାନ ଗଜା ହେଲା । ଦେଢ଼ ମାସ ପରେ ଧାନ ଗଛ ବଡ ହୋଇଗଲା । ଏ ସାତଭାଇ ଯାକ ସେ କ୍ଷେତକୁ ଦେଖୁ ଥାଆନ୍ତି । ବିଦେଶ କଥା ଭାବୁ ଥାଆନ୍ତି ବିଦେଶରେ କେମିତି ଦିନ ସବୁ କଟୁଥିଲା ।

ପ୍ରକୃତରେ ବାପା ମାଆଙ୍କ କଥାକୁ ଆମେ ସିନା ଅବମାନନା କରି ବିଦେଶ ଚାଲିଗଲେ । ଆମର ଖୁସି, ଆମର ହସ, ଦୁଃଖ, ସୁଖ, ଏ ଭିଟାମାଟି, ବଣ ଜଙ୍ଗଲ, ପାହାଡ, ପର୍ବତ, ନଦୀ, ନାଳ, ଆମର ଏ କ୍ଷେତ ଆଦି ସବୁକୁ ପର କରି କି ସୁବିଧା ମିଳିଲା ସେ ବିଦେଶରୁ । ସୁଖ ତ ସୁଖ, ଦୁଃଖ ତ ଅତି ନିଜର ସେ ବିଦେଶ ମାଟିରେ, ପଇସାର ଲାଳସାରେ ଅନ୍ଧ ହୋଇ ଆମେ ସିନା ଦାଦନ ଖଟିବାକୁ ଚାଲିଗଲୁ । ସେମାନେ ଏତେ ପଇସା କାହିଁକି ଦେବାକୁ ଚାହୁଛନ୍ତି । ସେ ବିଷୟରେ ଆମେ ଟିକେ ହେଲେ ଭାବୁଛେ । ଯଦି ଭାବୁ ଥାଆନ୍ତେ ତାହେଲେ ଦାଦନ ଖଟିବା ପାଇଁ ଆମକୁ ଶୋଷଣ କରାଯାଆନ୍ତା ନାହିଁ ।

ଆଜିର ଠିକାଦାରମାନେ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଗାଁ ଗହଳିରୁ ସରଳ ନିରିହ ପିଲାକୁ ପଇସାର ଲୋଭ ଦେଖାଇ ଦାଦନ ଖଟାଇବା ପାଇଁ ନେଇ ଆସୁଛନ୍ତି । ଡହ ଡହ ଖରାରେ ଆମମାନଙ୍କୁ ଖଟାଉଛନ୍ତି । ସେଠି ଆମର ଜୀବନ ଯାଉଥାଏ ଆସୁଥାଏ । ତଣ୍ଟି ଶୁଖି ଯାଉଥାଏ । ପାଣି ଟୋପାଏ ମାଗିଲେ ପାଣି ଟୋପାଏ ବି ମିଳୁ ନଥାଏ । ସକାଳ ୬ ଟାରୁ ଯିବୁ ରାତି ୧୦ ଟାରେ ଫେରିବୁ ।

ଏପରି କାହିଁକି ଖଟାଉଛ ବୋଲି ପ୍ରତିବାଦକଲେ ହୁଏ ମାଡ, ଗାଳି, ଅତ୍ୟାଚାର । ଯେବେ କିଏ ମୁହଁ ଖୋଲେ, ତା ମୁହଁକୁ ସବୁଦିନ ପାଇଁ ବନ୍ଦ କରିଦିଅନ୍ତି । ଠିକାଦାର ମାନେ କୁହନ୍ତି, ତୁମେ ମାନେ ଏଠାକୁ କାମ କରିବାକୁ ଆସୁଛ । କାମ କର ହେଲେ କୌଣସିଥିରେ ପ୍ରତିବାଦକର ନାହିଁ । ମାସ ପୁରିଲେ ଟପ୍ ଟପ୍ ଲୁହ ବହି ଆସୁଥାଏ । ଆଉ ସେ କ୍ଷେତକୁ ଚାହୁଁଥାଆନ୍ତି ଆଉ ବାପାଙ୍କ ଉପଦେଶକୁ ନେଇ ପଦେକୁହନ୍ତି ।

ଏ ଦୁନିଆରେ ଥିବା ମୋର ଭାଇ ଭଉଣୀ ମାନଙ୍କୁ, ଆମ ସାତ ଭାଇଙ୍କର ଅନୁରୋଧ କେବେ କେଉଁଠି ଭାଙ୍ଗି ପଡ ନାହିଁ । କି କାହାର ମିଛ ପ୍ରଲୋଭନରେ ପ୍ରଲୋଭିତ ହୁଅନ୍ତୁ ନାହିଁ । ନିଜ ଗୋଡରେ ନିଜେ ଠିଆ ହେବାକୁ ଚେଷ୍ଟା କରନ୍ତୁ । ଆମର ଆଶା ଆପଣମାନେ ନିଶ୍ଚିତ ପାରିବେ । ଟଙ୍କା ତୁମ ଚାରିପାଖରେ ବୁଲୁଛି । ହେଲେ ତୁମେ ଧରିପାରୁ ନାହଁ କି ଦେଖିପାରୁ ନାହଁ । କାରଣ ତୁମେ ବିଦେଶ ଯିବାକୁ ମନସ୍ଥ କରିଛ । ରାତାରାତି ଲକ୍ଷପତି ହେବାର ସ୍ୱପ୍ନ ଦେଖୁଛ । ସେଥିପାଇଁ ତୁମକୁ ଏସବୁ କିଛି ଦେଖାଯାଉ ନାହିଁ । ଆମେ ବି ମଧ୍ୟ ସେ ସ୍ୱପ୍ନ ଦେଖୁଥିଲୁ । ସେଥିପାଇଁ ଆମେ ଅନେକ ଫଳ ମଧ୍ୟ ପାଇଲୁ । ଶେଷରେ ବାପାକୁ ହରାଇ ଅନେକ ଦୁଃଖ ଯନ୍ତ୍ରଣା ମଧ୍ୟ ପାଇଲୁ । ବାପାଙ୍କ ଶେଷ ସମୟରେ, ପାଖରେ ଟିକେ ରହି ପାରିଲୁ ନାହିଁ । ଧିକ ଆମ ଜୀବନ, ଧିକ ସେ ବିଦେଶ ଭ୍ରମଣ ।

କଲଣ, ଯାଜପୁର

ମୋ.: - ୯୪୩୭୮୨୫୭୦୫, ୮୯୦୮୨୫୬୧୬୪

# ଚାଲ ଥରେ ଗାଁକୁ ଯିବା....

**ଶ୍ରୀ ଅଶୋକ ବରଣ ଦାସ**

ଚାଚା ନେହେରୁଙ୍କ ସେହି ମହତବାଣୀ ଭାରତ ଗ୍ରାମରେ ବାସ କରେ, ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ସେହି ସ୍ୱପ୍ନ ଥିଲା ଗ୍ରାମୀଣ କୁଟୀର ଶିଳ୍ପ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିର ବିକାଶ ତଥା ରାଷ୍ଟ୍ରର ବିକାଶ ଏବଂ ପୂର୍ବତନ ରାଷ୍ଟ୍ରପତି ଡଃ. ଏ.ପି.ଜେ ଅବ୍‌ଦୁଲ୍ କାଲାମଙ୍କର ସେହି ଅନୁରୂପ ବାଣୀ ଗ୍ରାମୀଣ ଜ୍ଞାନ, ବିକାଶ ଓ ବିତରଣ । ପ୍ରଖ୍ୟାତ ଅନୁଭବି ଓ ଅନୁଭୂତି ସମ୍ପନ୍ନ ମହାନ୍ ବ୍ୟକ୍ତି ବିଶେଷଙ୍କ ବ୍ୟତୀତ ଆହୁରି ଅନେକ ପ୍ରବାଦପୁରୁଷ ଗ୍ରାମୀଣ ବିକାଶ ଉପରେ ଅନେକ ସୁଚିନ୍ତିତ ମତାମତ ଦେଇଛନ୍ତି, ଯାହାକି ଇତିହାସର ସ୍ୱର୍ଣ୍ଣ ପୃଷ୍ଠାରେ ଲିପିବଦ୍ଧ । ଅତଏବ କହିବାର ଉଦ୍ଦେଶ୍ୟ ହେଉଛି ଦେଶ ହେଉ ବା ସହର ସବୁରି ବିକାଶର ମୂଳମନ୍ତ୍ର ହେଉଛି ଗାଁ ଓ ଏହି ଗାଁକୁ ଆଧାର କରି ଅନେକଗୁଡିଏ ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟକ୍ରମ ସଂପନ୍ନ ହୋଇଛି । ଯାହାକି ସହଜରେ ଏଡାଇ ଦିଆଯାଇ ପାରେନା, କିନ୍ତୁ ପରିତାପର ବିଷୟ ଏହି କି ଗାଁରେ ତୃଣମୂଳ ସ୍ତରରେ ଉନ୍ନତି ହେଉଥିବା ବେଳେ ଜୀବନ ଜୀବୀକା ସମୃଦ୍ଧି ଥିଲାବେଳେ ଗ୍ରାମ୍ୟ ପରିବେଶକୁ ଆମେ ସମୟାନୁକ୍ରମେ ଭୁଲିଯାଉଛୁ । ଯାହାକି ନିଜସ୍ୱ ଅନୁଭୂତି ନିମ୍ନରେ ପରିପ୍ରକାଶ ।

ଏକଦା ଟ୍ରେନ୍‌ରେ କୌଣସି ଏକ ସରକାରୀ କାର୍ଯ୍ୟକ୍ରମରେ ସୁଦୂର ପଲାସା ଓ ଶିକାକୋଲମ୍ ଯାଉଥିବା ବେଳେ ହଠାତ୍ ନଜର ପଡିଲା କିଛି ଗୋଷ୍ଠୀଙ୍କ ଉପରେ । ଚାହୁଁ ଚାହୁଁ ଏହି ଗୋଷ୍ଠୀ ପ୍ରତ୍ୟେକ ଷ୍ଟେସନରେ ରହଣିରେ କିଛି କିଛି ଅଭାବୀ ଲୋକଙ୍କୁ ହଠାତ୍ ଟ୍ରେନ୍ ଉପରକୁ ମାଡିଆସି ନିଜ ନିଜର ଆସନ ଅକ୍ତିଆର କରୁଥାନ୍ତି । ଗାଡିର ବେଗ ବଢ଼ିବା ପୂର୍ବରୁ କୋଳାହଳରେ ଫାଟିଯାଉଥିଲା ଉକ୍ତ ସ୍ଥାନଟି । ଯାହା ହେଉ ନା କାହିଁକି ଗାଡିର ବେଗ କ୍ରମଶଃ ବଢ଼ିବାକୁ ଲାଗିଲା । ଗାଡିର ବେଗ ଯେତେ ବଢୁଥିଲା ସେତିକି ଗୁଲି ଖଟିର ପସରା ମଧ୍ୟ ବଢ଼ି ଚାଲିଥିଲା । ମୋର ମଧ୍ୟ ଅନୁରୂପ ଭାବେ ଆବେଗ ବଢ଼ିଲା ଏମାନଙ୍କ ବିଷୟରେ ଜାଣିବା ପାଇଁ, କାହିଁକି ନା ମନେ ହେଉଥିଲା ଏମାନେ ସବୁ ଘର ବାହୁଡା ପକ୍ଷୀ ନୁହଁନ୍ତି ବରଂ ଗୋଠ ଫିଟା ଇତର ପ୍ରାଣୀ । କାରଣ ଦିନେ ଦୁଇ ଦିନ ପାଇଁ ନୁହଁ ବରଂ ଅନେକ ଦିନ ପାଇଁ ଘରୁ ଛାଡି ବାହାରକୁ ଚାଲି ଯାଉଛନ୍ତି ସେମାନେ । ଆଉ ସେ ପୁଣି କୌଣସି ସରକାରୀ ଚାକିରି କିମ୍ୱା ପାଠପଢ଼ା ନୁହେଁ କିନ୍ତୁ କାମ ଧନ୍ଦା ଅନୁସରଣରେ । ଗୋଠ ମଧ୍ୟରେ ୭ ରୁ ୭୦ ବର୍ଷ ବୟସ ବିଭିନ୍ନ ବର୍ଗର ଯଥା ପିଲାଠୁ ବୁଢ଼ା, ପୁଅଠୁ ଝିଅ ଏପରିକି ବିବାହିତା ଭୁଆସୁଣି ମଧ୍ୟ ବାଦ୍ ପଡିନାହିଁ । ମୁଁ (ଆମେ) ଜାଣିଥିଲୁ ଯେ ପରିବାରର ଅଭିଭାବକ ତଥା ମୁରବି ଲୋକ କାମଧନ୍ଦା କରନ୍ତି, ଘର ଚଳାଇବା ସ୍ତ୍ରୀ ଲୋକମାନଙ୍କର ଦାୟିତ୍ୱ ଓ ପାଠ ପଢ଼ିବା ପିଲାମାନଙ୍କର କର୍ମ ତଥା ସେବା ଶୁଶ୍ରୁଷା ପାଇବା ସହିତ ବିଶ୍ରାମ ନେବା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର ଅଧିକାର । ହେଲେ ଇଏ କି ବିଭ୍ରାଟ ସବୁ ଓଲଟ ପାଲଟ ହୋଇ ମୋର ଅକଲ ଗୁଡୁମ୍ ହୋଇଗଲା । ଆବାକ୍ ହୋଇ ଚାହିଁଲି କିଛି ସମୟ ପାଇଁ... ! ମନେ ମନେ ଭାବୁଥାଏ ଯେଉଁ ଗାଁରେ ଆମର ପରିଚୟ, ଖେଳିବୁଲି ଆମେ ସମସ୍ତେ ସମୟ ବିତାଇଛୁ ଓ ଗାଁ ଆମକୁ ସ୍ୱତନ୍ତ୍ର ପରିଚୟ ଦେଇଛି, ସେହି ଗାଁକୁ ଏତେ ହତାଦର କାହିଁକି ? ଗାଁକୁ ଛାଡି ଚାଲିଯିବାରେ ଆଗ୍ରହ ସୃଷ୍ଟି ହେଉଛି କିପରି ? ଅବଶ୍ୟ ଆମ ଭଳି କେତେକ ପାଠୁଆ ସରକାରୀ କର୍ମଚାରୀ ତଥା ପ୍ରତିଷ୍ଠିତ ବ୍ୟକ୍ତି ଅନ୍ୟ ଉପାୟ ନପାଇ ସରକାରୀ କର୍ମକୁ ନିଜର କର୍ତ୍ତବ୍ୟ ବୋଲି ଆଦରି ନେଇଛୁ । ହେଲେ ଆମର ମଧ୍ୟ ଗାଁ ପ୍ରତି ମାୟା ଓ ମମତା ପୂର୍ବ ଭଳି ଅତୁଟ ରହିଛି । ଏପରିକି ଦୂରଦୂରାନ୍ତରୁ ଅର୍ଥାତ୍ ରାଜ୍ୟ ବାହାରୁ ଆସୁଥିବା ଏହି ପ୍ରକାର ବ୍ୟକ୍ତି ବିଶେଷ ଆମ ଗାଁରେ ନିଜର କର୍ମ ସହିତ କ୍ରମଶଃ ଆଧିପତ୍ୟ ବିସ୍ତାର

କଲେଣି । ହେଲେ ଆମ ଗାଁରେ ସବୁକିଛି ଥାଇ ଆମେ ଏ ଗାଁ ପ୍ରତି ଏତେ ବିମୁଖ କାହିଁକି ? ହେଲେ ମନକୁ ଯେତେ ବୁଝାଇଲେ ମୁଁ ନିଜକୁ ବୁଝାଇ ପାରୁ ନଥାଏ । ଅବୁଝା ମନକୁ କେବଳ ସେତିକି ନୁହେଁ ମୁଁ ଅନ୍ୟମାନଙ୍କୁ ବାହାରକୁ ଯିବାପାଇଁ ମଧ୍ୟ ନିବୃତ କରାଇବାରେ ଅନୁପ୍ରାଣିତ କିମ୍ବା ପ୍ରବର୍ତ୍ତାଇବାରେ ମଧ୍ୟ ବିଫଳ । କାହିଁକି ନା ସେମାନଙ୍କ ମୁହଁରୁ ଆଗରୁ ପଢ଼ି ସାରିଛି ଗାଁ ପ୍ରତି ସେମାନଙ୍କ ଅନାବିଳତା । ଅବଶ୍ୟ ସମସ୍ତେ ନହେଲେ ମଧ୍ୟ ଶ୍ରମ ଦଲାଲର ଚାପରେ ପଡି ଅନ୍ୟମାନଙ୍କ ମଧ୍ୟରେ ଇଚ୍ଛା ଥିଲେ ମଧ୍ୟ ସେମାନେ ପରିସ୍ଥିତିର ବଶବର୍ତ୍ତୀ ହୋଇ ବାଧ୍ୟ ହୋଇଛନ୍ତି ଘର ଛାଡି ଚାଲିଯିବାକୁ । ଅବଶ୍ୟ ମୋ ଭଳି ଆଉ କିଛି ସହଯାତ୍ରୀ ସେମାନଙ୍କୁ ଅଧିକ ଅବଗତ କରାଇବାକୁ ଯାଇ ଗାଁ ବିଷୟରେ ଅଧିକରୁ ଅଧିକ ବଖାଣି ଥିଲୁ । ଯେପରିକି ଗାଁ କୁ ବୁଲି ଗଲେ ଅନେକ ଗୁଡିଏ ପରିବେଶ ଉପଯୋଗୀ ଦୃଶ୍ୟ ବେଶ୍ ମନଛୁଆଁ ଓ ଆଗ୍ରହର ବିଷୟ ହୋଇଥାଏ । ପ୍ରଥମେ ଗ୍ରାମୀଣ ପରିବେଶ ମଧ୍ୟରେ ଥିବା ଘଞ୍ଚ ବଣ, ଜଂଗଲ, ପାହାଡ଼, ନଦୀ, ନାଳ, ବଡ଼ବଡ଼ ଗଛ, ବୁଦା, ଝରଣାର କୁଳୁକୁଳୁ ଶବ୍ଦ, ପବନର ସାଇଁ ସାଇଁ ଶବ୍ଦ ସହିତ ଶ୍ୱାପଦକୂଳ ମାନଙ୍କର ମଝିରେ ମଝିରେ ଚିଁ ଚିଁ ରଡି ଆମ ସମସ୍ତଙ୍କୁ ଅଭିଭୂତ କରାଇଥାଏ । ସରକାରୀ ଚାକିରି, ବ୍ୟବସାୟର ବ୍ୟସ୍ତତା ଭିତରୁ କିଛି ସମୟ ବାହାର କରି ଗାଁରେ ଟିକେ ପାଦପଡିଗଲେ ସାତ ସପନର ସୁଖ ମିଳିଛି, ସତେ ଯେପରି ସ୍ୱର୍ଗ ଆଜି ମର୍ତ୍ତ୍ୟରେ ପଦାର୍ପଣ କରିଛି । କାରଣ ଏଠି ଆଉ ପ୍ରଦୂଷଣ ନାହିଁ କି ଗାଡି ମଟରର ପେଁ ପେଁ ଶବ୍ଦ ଆମକୁ ରଗାଏ ନାହିଁ । ସବୁଆଡେ ଶାନ୍ତ ପରିବେଶ ଓ ପ୍ରଦୂଷଣମୁକ୍ତ ଜୀବନ ଆମକୁ ପାଛୋଟିନିଏ ଆଉ କିଛି ଅଧିକ ସମୟ ବିତେଇବାକୁ । ସବୁଠାରୁ ବଡ କଥା ହେଉଛି ଏସବୁ ପ୍ରାକୃତିକ ଉପାଦାନ ଓ ସମ୍ବଳ ମଧ୍ୟରେ ସତେ ଯେପରି କିଛି ଛନ୍ଦ କପଟ ନଥାଏ । କିନ୍ତୁ ଆଜିର ବସ୍ତୁବାଦୀ ମଣିଷ ଭୁଲି ଯାଉଛି ନିଜର ସ୍ୱାଭାବକୁ । ନିଜର ସ୍ୱାର୍ଥକୁ ଚିରିତାର୍ଥ କରିବାକୁ ଏଇ ସରଳ, ନିଷ୍କପଟ ତଥା ଶାନ୍ତ ପ୍ରବୃତିର ସମ୍ବଳ (ଯାହାକି ରାଷ୍ଟ୍ରୀୟ ସମ୍ବଳ କହିଲେ କିଛି ଭୁଲ୍ ହେବ ନାହିଁ) ତାକୁ ମଧ୍ୟ ବିନାଶ କରିବା ପାଇଁ, ବିନାଶ ଅବା ହେବ ନାହିଁ କିପରି ? ଯଦି ଗୋଟିଏ ମାଆର ପୁଅମାନେ କିଛି ସଂପତ୍ତିରେ ସଚା ଲଗାନ୍ତି ବା ଅକ୍ତିଆର ପାଇଁ ରକ୍ତର ହୋଲି ଖେଳନ୍ତି ତେବେ କିଛିଦିନର ଅସ୍ଥାୟୀ ସୁଖ ପାଇଁ ଏ ପ୍ରାକୃତିକ ବର୍ଣ୍ଣାଢ୍ୟ ପରିବେଶକୁ ଅବା ଲୁଟିବେ ନାହିଁ କିପରି ? ଅର୍ଥାତ୍ ଲୁଟିବା ପାଇଁ ଆଉ ବେଶି ସମୟ ଲାଗିବ ନାହିଁ । ଅର୍ଥାତ୍ ବସ୍ତୁବାଦୀ ମଣିଷ ଥରେ ବୁଝିବା ଦରକାର ଏହି ପରିବେଶ ତାକୁ ଯଦି ଏକାଧାରାରେ ଖାଦ୍ୟ, ବସ୍ତ୍ର, ବାସଗୃହ ସହିତ ଜୀବନ ଜୀବୀକା ଓ ସମୃଦ୍ଧିର ଆଶାର ସଞ୍ଚାର ଖେଳାଇ ପାରୁଛି, ତେବେ ତାକୁ ଧ୍ୱଂସ ବିଧ୍ୱସ୍ତ କରି ଘର ଛାଡି ପଳାତକ ହୋଇ କାମଧନ୍ଦା ଅନ୍ୱେଷଣ ବାହାରକୁ ଯିବା କାହାର ଭୁଲ୍ ?

ଦ୍ୱିତୀୟରେ ସଞ୍ଜ ସକାଳ ଦିନ ରାତି ଏକ କରି ମାଟିର ମହକରୁ ଖାଦ୍ୟ ଉପୁଜାଉଥିବା କୃଷକ ଭାଇର କ୍ଷେତକୁ ଟିକିଏ ବୁଲିଯିବା । ସହରୀ ପାଠୁଆ ହେଉ, ବିଦେଶାଗତ ବାବୁ ସମସ୍ତେ ବଞ୍ଚିବା ପାଇଁ ଖାଦ୍ୟ ଆବଶ୍ୟକ କରିଥାଆନ୍ତି । ଆଉ ଏହି ଖାଦ୍ୟକୁ ଅକ୍ଳାନ୍ତ ପରିଶ୍ରମ କରି ଚଷାଭାଇଟିଏ ଭୋକିଲା ମୁହଁରେ ଆହାର ଯୋଗାଇଥାଏ । ଆଜିକାଲି ଖାଦ୍ୟ ଉତ୍ପାଦନ ପାଇଁ ମଧ୍ୟ ପ୍ରସାଶନିକ ସ୍ତରରେ ଯଥେଷ୍ଟ ସହଯୋଗ ଓ ପ୍ରୋତ୍ସାହନ ମିଳୁଛି । କିନ୍ତୁ ପରିତାପର ବିଷୟ ଏସବୁ ସୁବିଧାର ଲାଭ ଉଠାଇ ଆତ୍ମନିର୍ଭରଶୀଳତା ପରିବର୍ତ୍ତେ ସାହୁକାରକୁ ଜମି ଟେକି ଦେଇ ବାହାର ରାଜ୍ୟକୁ ଯାଇ ଗୋତି ଖଟିବା କେତେଦୂର ସମୀଚୀନ ? ଅର୍ଥାତ୍ କହିବାର ଉଦ୍ଦେଶ୍ୟ ହେଉଛି ବାହାରକୁ କାମଧନ୍ଦା ଅନ୍ୱେଷଣରେ ଯାଇ କଷ୍ଟରେ ଅର୍ଥ ଉପାର୍ଜନ କରିବା ଅପେକ୍ଷା ନିଜ ଘରେ ଶାଗ ପଖାଳ ଖାଇ ସୁସ୍ଥ ରହିବା ଶ୍ରେୟସ୍କର । ବର୍ତ୍ତମାନ ଆସନ୍ତୁ ଗାଁ ଭିତରକୁ ଟିକିଏ ବୁଲିଯିବା । ଗାଁ ଭିତର ପରିବେଶ ଅତ୍ୟନ୍ତ ମନଛୁଆଁ ଚାଳଘର ସହିତ ପକ୍କାଘର, ଘର କାନ୍ଥରେ ଝୋଟିଚିତା । ଘର ଅଗଣା ରେ ଓ ବାରଣ୍ଡାରେ ଗଚ୍ଛିତ କୃଷିଜାତ ଦ୍ରବ୍ୟ ଗ୍ରାମ୍ୟ ପରିବେଶକୁ ବେଶ୍ ଦୁଇଗୁଣ କରୁଥାଏ । ଏପରିକି ଗାଁର ସଂସ୍କୃତି, ସାମାଜିକ ପ୍ରଥା ପର୍ବପର୍ବାଣୀ ଓ ନୀତିନିୟମରେ ବିଶ୍ୱାସ କରୁଥିବା ଗ୍ରାମବାସୀମାନେ ନିଷ୍କପଟ ଓ ସରଳତାର ପରିଚୟ

ଦେଇଥାଆନ୍ତି । ଏମାନଙ୍କର ସହଯୋଗିତା, ସାହାଯ୍ୟ, ସହଭାଗିତା ମନୋବୃତିଠାରେ ସବୁକିଛି ହାର୍ ମାନିଥାଏ । ପ୍ରାୟତଃ ବ୍ୟକ୍ତିଗତ ହେଉ ବା ସାମୂହିକ ହେଉ ସର୍ବଦା ମନପ୍ରାଣ ଦେଇ ବାରମାସରେ ତେର ପର୍ବ ପାଳନ କରିବା ସହିତ କୃଷି ପର୍ବକୁ ପ୍ରାଧାନ୍ୟ ଦେଇଥାଆନ୍ତି । ପର୍ବପର୍ବାଣୀରେ କବାଡି, ଖୋ ଖୋ, ଆଖଡା, କୁସ୍ତି, ତାସ୍, ଲୁଡୁ, କ୍ରିକେଟ୍, ଫୁଟ୍ ବଲ୍, ପୁଚି, ବୋହୂଚୋରି ଆଦି ଖେଳ ଯିଏ ଦେଖିଛି ସିଏ ହିଁ ଏ ବିଷୟରେ ବର୍ଣ୍ଣନା କରିପାରିବ । ଏହା ବ୍ୟତୀତ ସନ୍ଧ୍ୟା ଆସରରେ ଭାଗବତ ଟୁଙ୍ଗି, ହରିହର ଭେଟ, ପୁରାଣ ଆଲୋଚନା ଗ୍ରାମୀଣ ସୌନ୍ଦର୍ଯ୍ୟକୁ ମନଲୋଭା ଓ ମନଛୁଆଁ କରିଥାଏ ।

ଖାଦ୍ୟପେୟ ଓ ସ୍ୱାସ୍ଥ୍ୟକର ପରିବେଶ ସମ୍ବନ୍ଧରେ ଆଲୋଚନା ନକରିବା ଭଲ । ଶୀତୁଆ ସକାଳର ପଖାଳର କଂସା ସହିତ ଦେଶି ପିଆଜ ଓ ରାଗୁଆ ଲଙ୍କା ଯିଏ ଖାଇଛି ତାର ମଜା ସିଏ ପାଇଛି । ବିଶେଷ ମଜା ଆସିଥାଏ ଗାଁ ମୁଣ୍ଡରେ ଚଷା ଭାଇ ହଳ ସାରି ହଳ ଫିଟାଇ ଭେଳିକି ଭେଳି ଖାଦ୍ୟର ମଜା ନିଏ । ଗାଁରେ ସାଧାରଣତଃ ସବୁଜ ପନିପରିବା, ଆଚାର, ବଡ଼ିଚୁରା, ଚଟଣି, ବେସରବଟା, ଶାଗ, ଶୁଖୁଆ ଦହି, ମାଛ, ମାଂସ, ଅଣ୍ଡା ଆଦି ପ୍ରଚୁର ପରିମାଣରେ ମିଳିଥାଏ ଓ ଏସବୁକୁ ନିୟମିତ ଖାଇବା ଦ୍ୱାରା ସନ୍ତୁଳିତ ପୋଷକ ଶରୀରକୁ ମିଳୁଥିବାରୁ ଶରୀର ନିରୋଗ ଓ ସୁସ୍ଥ ରହେ । ସେହିପରି ପର୍ବପର୍ବାଣୀରେ ପିଠାପଣା, ଦହି ଛେନା, କ୍ଷୀରୀ, କାକରା, ମଣ୍ଡା ଯଦି ମିଳିଯାଏ । ତାହେଲେ ଯେ କେହି ସହର ଭୁଲି ଗାଁରେ ରହିଯିବ ଏହାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ ।

ହେଲେ କ'ଣ ହେବ ? ଗାଁରେ ଏତେଗୁଡିଏ ମୌଳିକ ସୁବିଧା ସୁଯୋଗ ଥିବା ସତ୍ତ୍ୱେ ଗାଁ ଛାଡି ଚାଲିଯିବା ଫଳରେ ଗାଁର ଭିତ୍ତିଭୂମି ନଷ୍ଟ ହେଉଛି । କାମ ପାଇଟିଏ କରିବା ପାଇଁ ଲୋକ ଖଣ୍ଡିଏ ମିଳୁ ନାହାନ୍ତି । 'ମନ୍ଦିରର ମୁଖଶାଳା ବଳିଯିବା କିମ୍ବା ଘୋଡା ଛକୁ ଦାନା ନଅ' ସଦୃସ ଉତ୍ପାଦିତ ଦ୍ରବ୍ୟରେ ବିନିଯୋଗ ଖର୍ଚ୍ଚ ଅଧିକ ରହୁଥିବାରୁ ଆକାଶଛୁଆଁ ହେଲାଣି ଓ ପୂର୍ବଭଳି ସେତେଟା ଲାଭ ହେଉନାହିଁ । ଜମି ଖାଲି ପଡି ଫାଟି ଗଲେଣି ଚାଷ ଏକାପ୍ରକାରେ ଠପ୍ । ଘର ଛପର ହୋଇପାରୁ ନାହିଁ, କାନ୍ଥ ପିଣ୍ଡା ଭୁସୁଡି ଗଲାଣି । ବାପା, ଜେଜେ ପରିବାରର ଫେରିବା ବାଟକୁ ଚାହିଁ ଆଖିରୁ ପାଣି ମଲାଣି । ଏପରିକି ଗାଁରେ ସକ୍ରିୟ ରାଜନୀତି ଯୋଗୁଁ ଭାଇଚାରା ଆଉ ନାହିଁ କହିଲେ ଚାଳେ, ସମସ୍ତଙ୍କ ମଧ୍ୟରେ ମନାନ୍ତର, ମତାନ୍ତର । କିନ୍ତୁ ଥରେ ଭାବିଲେ ଦେଖି ଗାଁରେ ଯଦି ସହର ଭଳି ସମସ୍ତ ସୁବିଧା ସୁଯୋଗ ମିଳିପାରୁଛି ସରକାରୀ ଯୋଜନା ସଫଳ ଭାବେ ପ୍ରୟୋଜନ ହୋଇପାରୁଛି, କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟକୁ ଅନୁରୂପ ଭାବେ ଗୁରୁତ୍ୱ ଦିଆଯାଇ ପାରୁଛି । ଏବେ ଅନ୍ୟର ଗୋଡି ଖଟିବା, ଶ୍ରମ ଠିକାଦାରଙ୍କଠାରୁ ଅପମାନିତ ହେବା, ମନ ଅଶାନ୍ତି କରିବା ଏପରିକି କଠୋର ପରିଶ୍ରମ କରି ଅସମୟରେ ରୋଗାଗ୍ରସ୍ତ ହୋଇ ଏଡସ୍ ଭଳି ମହାମାରୀକୁ ଆପଣାଇ ନିଜେ କଷ୍ଟ ପାଇବା ସହିତ ପରିବାରବର୍ଗଙ୍କୁ କଷ୍ଟ ଦେବାରେ କି ବାହାଦୂରୀ.... ?

ଅତଏବ ମୋଟ ଉପରେ କହିବାକୁ ଗଲେ ଗାଁରେ ଅଛି ଭାଇଚାରା, ସହଭାଗିତା, ସହଯୋଗିତା, ସହନଶୀଳତା କିନ୍ତୁ ଗାଁ କନିଆ ଶିଙ୍ଘାଣି ନାକି ହେଉ ବା ବଣ ମଲ୍ଲି ବଣରେ ଫୁଟି ମଉଳି ଯାଉ ବୋଲି ଭାବି ଯଦି ଗାଁକୁ ଗୁରୁତ୍ୱ ଦିଆ ନଯାଇ ଭବିଷ୍ୟତରେ ଆମେମାନେ ସହରାଭିମୁଖୀ ହେବା ତେବେ ଆଗାମୀ ଦିନରେ ଦୁଃଖର ପାହାଡ ମାଡି ଅଯଥା ମନ ଅଶାନ୍ତି ରହିବ । ଏଥିରେ ଦ୍ୱିମତ ନାହିଁ ।

**କୃଷି, ସଂପ୍ରସାରଣ ବୈଜ୍ଞାନିକ ତଥା ସ୍ୱୀକୃତି ପ୍ରାପ୍ତ ବିଶେଷଜ୍ଞ**

**କୃଷି ବିଜ୍ଞାନ କେନ୍ଦ୍ର, ବୌଦ୍ଧ**

# ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧିନରେ ପଞ୍ଜିକୃତ ନିର୍ମାଣ ଶ୍ରମିକ ମାନଙ୍କୁ ଦିଆଯାଉଥିବା ସୁବିଧାଗୁଡ଼ିକର ବିବରଣୀ

ସୁବାସ ସିଂହ

**- ଶିକ୍ଷାବୃତ୍ତି ସହାୟତା**

| | |
|---|---|
| ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବର୍ଷକୁ | - ଟ.୫,୦୦୦/-ଙ୍କା |
| ବିଏ, ବି.ଏସ୍.ସି., ବି.କମ୍. ଓ ସ୍ନାତକୋତର ଶିକ୍ଷା ପାଇଁ ବର୍ଷକୁ | - ଟ.୭,୦୦୦/-ଙ୍କା |
| ଆ.ଇ.ଟି.ଆଇ. ଶିକ୍ଷା ପାଇଁ ବର୍ଷକୁ | - ଟ.୭,୦୦୦/-ଙ୍କା |
| ଡିପ୍ଲୋମା, ପଲିଟେକ୍ନିକ୍ ଶିକ୍ଷା ପାଇଁ ବର୍ଷକୁ | - ଟ.୧୦,୦୦୦/-ଙ୍କା |
| ବି.ଟେକ୍, ଏମ୍.ସି.ଏ., ଏମ୍.ବି.ଏ., ବି.ଆର୍ଚ, ଏମ୍. ଆର୍ଚ, ଏମ୍.ଟେକ୍, ଏମ୍. ଏସ୍ସି, ବି.ଫାର୍ମ, ଏମ୍.ଫାର୍ମ, ହୋଟେଲ ମ୍ୟାନେଜମେଂଟ ଓ କ୍ୟାଟେରିଂ ଓ ମେଡିକାଲ୍ ଶିକ୍ଷା ପାଇଁ ବର୍ଷକୁ | - ଟ.୪୦,୦୦୦/-ଙ୍କା |
| **- ଯନ୍ତ୍ରପାତି କ୍ରୟ ସହାୟତା** - ସର୍ବାଧିକ | - ଟ.୪,୦୦୦/-ଙ୍କା |
| **- ସାଇକେଲ ସହାୟତା** - ସର୍ବାଧିକ | - ଟ.୪,୦୦୦/-ଙ୍କା |
| **- ନିରାପତ୍ତା ଉପକରଣ** - ସର୍ବାଧିକ (ଜୋତା, ହେଲମେଟ୍, ଗ୍ଲୋଭସ୍) | - ଟ.୧,୦୦୦/-ଙ୍କା |
| **-ଦୁରାରୋଗ୍ୟ ଚିକିତ୍ସା ସହାୟତା** | - ଟ.୧,୦୦,୦୦୦/-ଙ୍କା ଚିକିତ୍ସା ସହାୟତା |
| ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଓ ବିଜୁ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ | |
| **-ବିବାହ ସହାୟତା** (ନିର୍ମାଣ ଶ୍ରମିକଙ୍କ ୨ଟି କନ୍ୟା ଓ ଅବିବାହିତା ନିର୍ମାଣ ଶ୍ରମିକଙ୍କ ପାଇଁ) | - ଟ.୨୫,୦୦୦/-ଙ୍କା |
| **-ଗୃହ ନିର୍ମାଣ ସହାୟତା** | - ଟ.୧,୦୦,୦୦୦/-ଙ୍କା |
| **-ପ୍ରସୁତୀ କାଳୀନ ସହାୟତା** | - ଟ.୮,୦୦୦/-ଙ୍କା |
| **-ଦୂର୍ଘଟଣାଜନୀତ ସହାୟତା** | |

| | |
|---|---|
| ସମ୍ପୁର୍ଣ୍ଣ ଅକ୍ଷମତା | - ଟ.୧,୫୦,୦୦୦/-ଙ୍କା |
| ଗୋଟିଏ ଅଙ୍ଗ ପ୍ରତ୍ୟଙ୍ଗ ସମ୍ପୂର୍ଣ୍ଣ ହରାଇଥିବା କିମ୍ବା ଗୋଟିଏ ଚକ୍ଷୁ | - ଟ.୮୦,୦୦୦/-ଙ୍କା |
| ଦୃଷ୍ଟି ହୀନତା | - ଟ.୪୦,୦୦୦/-ଙ୍କା |

୨ ଗୋଟି ଅଙ୍ଗ ପ୍ରତ୍ୟଙ୍ଗ ବା ଚକ୍ଷୁ ନହରାଇ ସମ୍ପୁର୍ଣ୍ଣ ଅକ୍ଷମତା

**- ମୃତ୍ୟୁ କାଳୀନ ସହାୟତା-**

| | |
|---|---|
| ସ୍ୱାଭାବିକ ମୃତ୍ୟୁ ପାଇଁ | - ଟ.୧,୦୦,୦୦୦/-ଙ୍କା |
| ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ | - ଟ.୨,୦୦,୦୦୦/-ଙ୍କା |
| - ଅନ୍ତ୍ୟେଷ୍ଟି କ୍ରିୟା ସହାୟତା | - ଟ.୫,୦୦୦/-ଙ୍କା |

ପେନସନ୍ ଯୋଜନା

ପଞ୍ଜିକୃତ ନିର୍ମାଣ ଶ୍ରମିକ ୬୦ ବର୍ଷ ଅତିକ୍ରାନ୍ତ ହେବାପରେ ପେନ୍‌ସନ୍ ପାଇବାର ସୁବିଧା ରହିଛି ଅନ୍ୟ ରାଜ୍ୟରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ଦାଦନ ଶ୍ରମିକ ମାନଙ୍କୁ ଓଡ଼ିଶାର ନିର୍ମାଣ ଶ୍ରମିକ ପାଉଥିବା ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ।

ଅନ୍ୟ ରାଜ୍ୟରେ ନିର୍ମାଣ କାର୍ଯ୍ୟ କରୁଥିବା ଶ୍ରମିକ ମାନେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ଦ୍ୱାରା ପଞ୍ଜିକୃତ ହୋଇନଥିଲେ ମଧ୍ୟ କୌଣସି ଦୂର୍ଘଟଣା ଗ୍ରସ୍ତ ହୁଅନ୍ତି ତାହେଲେ, ମୃତ୍ୟୁଜନୀତ ସହାୟତା ଟ.୧,୦୦,୦୦୦/-ଙ୍କା ଓ ଚିକିତ୍ସା ସହାୟତା ଟ.୫୦,୦୦୦/-ଙ୍କା ଦିଆଯିବାର ସୁବିଧା ରହିଛି ।

ଅଧ୍ୟକ୍ଷ

ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ

ଶ୍ରମିକ କଲ୍ୟାଣ ବୋର୍ଡ଼, ଭୁବନେଶ୍ୱର

# ପ୍ରବାସୀ

ଖଗେଶ୍ୱର ମହତାବ

ଆମେତ ଖଟିଖିଆ ଲୋକ ଶ୍ରମିକ
ଆମକୁ କେଉଁ ଜଣା ଛଳ, ଛଦ୍ମ, କପଟ
ସହଜେ ଅପାଳକ
ବିଲକୁ ଯାଇନି ଲଙ୍ଗଳ
ଉଜୁଡି ଯାଇଛି କ୍ଷେତ
ବେଳାଏ ଚୁଲି ଜଳିଲେ
ଆଉ ବେଳାକୁ ଉପାସ ।

ମହରଗ କାଳ,
ହାଉ ହାଉ ବଢୁଛି ତେଲ ଲୁଣରେ
ପୋଡି ଯାଉଛି ପେଟ
ସହି ହେଉନି ପିଲା ଛୁଆଙ୍କ ଦୁଃଖ
ଏମିତି ବେଳରେ ଠିକାଦାର ଲୋକ
କହିଲା ଚାଲ ବିଦେଶ
ଏଠିତ ଖଟୁଛ
ସେଠି ଖଟିଲେ ମିଳିବ ମଜୁରି ଅଧିକ
ଖାଇବା ରହିବା ମାଗଣା
ମାସ ପୁରୁ ପୁରୁ ମିଳିବ ପାଉଣା
ଘୁଞ୍ଚିଯିବ ଦୁଃଖ ।

ସହି ହେଉ ନଥିଲା ଭୋକର ଦାଉ ବୋଲି
ଠିକାଦାର ଲୋକର ବଚନକୁ ମଣିଲୁ ଅମୃତ
ଆମକୁ କ'ଣ ଜଣାଥିଲା ତାର ଧୂର୍ତ୍ତପଣ
ତା କଥାର କପଟ
ଆମକୁ କ'ଣ ଜଣା ଥିଲା
ଆମ କପାଳରେ ଅଛି ଏତେ ଦୁଃଖ ।
ଏବେ ଏ ପ୍ରବାସକୁ ଆସି
ଖାଲି ଖଟିବା ସାର
ବେଳାଏ ମିଳିଲେ ମିଳୁଛି ତୁଛା ଭାତ
ପେଟପୁରା ଖାଇବାକୁ ମାଗିଲେ
ମିଳୁଛି ପେଟ ପିଠିକୁ ଲାତ
ମୁଲ ମାଗିଲେ ଠିକାଦାର
ଆଖି ଦେଖାଇ କହୁଛି ଶଳା,
ପାଜି, କାମଚୋର
ଭଲରେ କାମ କରିବ ତ କର
ନହେଲେ ଦେହରୁ ଉତାରି ଦେବ ଛାଲ ।

ଏତ ପ୍ରବାସ ନୁହେଁ ନର୍କ
ଆମେ ଯେମିତି ମଣିଷ ନୁହଁ
ପଶୁଠାରୁ ହୀନ
ବଡ ହୀନସ୍ତାରେ ଜୀଉଁଛୁ ଜୀବନ
ରୋଗ ବୈରାଗୁ ଅଛି ପଥି ନା ଔଷଧ
ଆମ କପାଳ ତ ମନ୍ଦ ।
ଘରକୁ ଫେରିବା କଥା କହିଲେ ବିପଦ
ଗୋଡ଼େ ଗୋଡ଼େ ଭଡାଟିଆ ଗୁଣ୍ଡାଙ୍କ ନଜର
ଆମ ଅଣ୍ଟାରେ ନା ଅଛି କଉଡି
ନା ଆମକୁ ଜଣା ବାଟ ଘାଟ
ସମୟ କାଟୁଛୁ ଯାହା କର୍ମକୁ ଆଦରି ।

ଆମେ ତ ଖଟିଖିଆ ଲୋକ
ଶ୍ରମିକ, ଅପାଠୁଆ ଅଗାଡି
କେଜାଣି କେବେ ଖୋଲିବ
ଆମ ହାତ ପାଦରୁ ବେଡି
କେଜାଣି କେତେ ଦିନ ଆମେ
ସଢ଼ିବୁ ପୋକ ମାଛି ପରି
କେଜାଣି କେବେ ଆମ ପାଇଁ ଆସିବ ସକାଳ
କେବେ ଖୋଲିବ ଆମ ହାତ ଓ ପାଦରୁ
ପ୍ରବାସୀ ଶ୍ରମିକର ଶୃଙ୍ଖଳ ?

ଶ୍ରମ ଭବନ, ୟୁନିଟ୍-୩, ଭୁବନେଶ୍ୱର

# ଫେରିଆସ...

ସଚ୍ଚି ମହାନ୍ତି

ଭିଟାମାଟି ଛାଡି ଯିଏ ବା ଯାଇଛ ପରବାସକୁ
ଭଲ ମନ୍ଦ କିଛି ବିଚାର କରିନ
ଠିକ୍ ଭୁଲ୍ର ହିସାବ ରଖିନ
ପରବାସେ କିବା ସୁଖର ଜୀବନ ଜୀଇ ଯିବାକୁ
ମନେ ମନେ ଭାବି ସେହି କଥା ଭୁଲିଗଲ ଦେଶକୁ ।

ସେଠିକା ମଶା ହୋଇ ଶୋଷେ ସବୁ ରକତ
ମିଳିପାରେ ସିନା ଅଧିକ ଟଙ୍କା ଦୁଃଖ ବହୁତ
ମାନସନମାନ ଇଜ୍ଜତ ମହତ ଯିବରେ ହଜି
ଦିନରାତି ସବୁ ଏକାକାର ହେବ ଖୋଜିରେ ଖୋଜି
ପରଘର ଭଜା ତିଅଣ ସୁଆଦ
ଲାଗେ ପାଟିକୁ
ସେଇ ଲାଗି କହେ ଭୁଲିଗଲ ଦିନ
ଭିଟା ମାଟିକୁ ।

ଅଭାବ ନାହିଁରେ କାମ ଏଠି ଶ୍ରମ କରିବା ପାଇଁ
ମଜୁରୀ ବଢୁଛି ସୁବିଧା ବଢୁଛି କାହିଁରେ କାହିଁ
ସୁଖର ଜୀବନ ଜୀଇବା ପାଇଁକି ଯୋଜନା କେତେ
ଆମ ସରକାର ଖୋଲି ଚାଲିଛନ୍ତି ଯାହାକୁ ଯେତେ
ତୁମ ପିଲାଛୁଆ ଚାହିଁ ବସିଛନ୍ତି
ତୁମ ବାଟକୁ
ଫେରିଆସ ଏବେ ପ୍ରବାସ ଶ୍ରମିକ
ତୁମ ଦେଶକୁ ।

୨୭/୧୮୫, ଗଡ ମହାବୀର ବିହାର
ରୋଡ୍ ନଂ-୧, ଭୁବନେଶ୍ୱର-୭୫୧୦୦୨

# ଶ୍ରମକୁ ସମ୍ମାନ

ଚିନ୍ମୟୀ ନାୟକ

ଶ୍ରମ ଅଟେ ମୋର କର୍ତ୍ତା,
ଶ୍ରମ ମୋ ଭାଗ୍ୟ ବିଧାତା ।
ଶ୍ରମ ସ୍ନେହି ମୁହିଁ,
ଶ୍ରମ ବିନା ବଞ୍ଚେ ନାହିଁ । ॥୧॥

ଶ୍ରମ ମୋର ଅତି ଆପଣାର
ଦୁନିଆରେ ସବୁ ସ୍ୱାର୍ଥପର ।
ଶ୍ରମ ଦିଅ ଆହେ....
ଜଗତ ଈଶ୍ୱର । ॥୨॥

ଶ୍ରମ ଠୁଁ ନାହିଁ କେହି ସୁନ୍ଦର,
ଶ୍ରମ ଅଟେ ମୋର ଅତି ଆପଣାର ।
ମାତୃ ପିତୃ ତୁଲ୍ୟ ଶ୍ରମ ମୋହରି
ହେବେ ନାହିଁ କିଏ ତାର ସରି । ॥୩॥

ଶ୍ରମ ମୋର ଧର୍ମ, ଶ୍ରମ ମୋର କର୍ମ,
ଶ୍ରମକୁ ଭାବେ ମୁଁ ଦେବତା ସମାନ ।
ମୁଁ ଅଟେ ଶ୍ରମର ସନ୍ତାନ । ॥୪॥

ଏଇ ହାତେ ମୁଁ ଶ୍ରମ କରିଛି,
ଏ ନାହିଁ ମୁଁ କେବେ ଶ୍ରମକୁ ଡରିଛି
ଅବା ଶ୍ରମକୁ ଛାଡିଛି ।
ଜୀଇଁ ଥିବା ଯାଏଁ ଶ୍ରମ ମୁଁ କରିବି ।

କୋରାପୁଟ

## ପ୍ରବାସୀ ଶ୍ରମିକଙ୍କ ପାଇଁ

ଅଜୟ ମହାନ୍ତି

କାମ କରିବାକୁ ଗାଆଁ ଛାଡି ଯେବେ
 ବିଦେଶକୁ ଯାଉଅଛ
କି କାମ କରିବ କେଉଁଠିକି ଯିବ
 ବୁଝ ସବୁ ଆଗ ପଛ ।
ଠିକାଦାର ନାମ ଗାଁ ଓ ଠିକଣା
 ଆଗ ପଚାରି ବୁଝିବ
ପ୍ରବାସୀ ଭାବରେ ଯାଉଚ ବୋଲି ଯେ
 ସରପଞ୍ଚଙ୍କୁ କହିବ ।
ନିଜ ଥାନା ଆଉ ଶ୍ରମ ଅଫିସରେ
 ଜଣେଇବ ସବୁ କଥା
ପ୍ରବାସୀ ଶ୍ରମିକ ଭାବରେ ପାଇବ
 ଆଇନଗତ ସୁରକ୍ଷା ।
ସବୁ କାମ ଛାଡି ଆଗ ଏ କାମକୁ
 କରିବ ମନେ ରଖିଥା
ନହେଲେ ଯେ କାହିଁ ଦିନ ଗଡିଯିବ
 କେହି ନଥିବେ ଭରସା ।

ପ୍ଲଟ ନଂ. ୭୬୧, ବଡଗଡ, ଭୁବନେଶ୍ୱର - ୧୮
ମୋ.: ୯୪୩୭୬୩୦୫୧୦

## ଦାଦନ ଶ୍ରମିକ

ଶୁଭମ ଶୁଭମୟ ଶତପଥି

ମଫସଲ ଗାଆଁ ଗରୀବ ମୂଲିଆ
ପେଟ କହେ ଭୋକ ଭୋକ ;
ଋଣ ଭାର ତାର ସାତରୁ ସତର
ନିଅଣ୍ଟ ଅଭାବୀ ଲୋକ ।
ଛାଡି ଘରଦ୍ୱାର ଛାଡି ପରିବାର
ଦାଦନ ହୋଇ ସେ ଯିବ,
ହୋଇ ହୀନିମାନ ଅରଜିବ ଧନ
ପିଲା ଛୁଆଙ୍କୁ ପୋଷିବ ।
କେମିତି ସେ ଯିବ କେମନ୍ତେ ଫେରିବ
ସେଥିପାଇଁ ନିଘା ନାହିଁ ,
କେଉଁ ଠିକାଦାର କେଉଁ ପରକାର
କେତେ ବା ମଜୁରୀ ପାଇ ।
ଯେତେ କଷ୍ଟହେଉ ଜୀବ ଗଲେ ଯାଉ
ସେଥିକୁ ଭୟ ନଥାଏ,
କେତେ ଯେ ଲାଞ୍ଛନା କେତେ ନିର୍ଯ୍ୟାତନା
ହସି ହସି ସହିଯାଏ ।
ଗଲାବେଳେ ତାର ସୁଠାମ ଶରୀର
ଫେରିଲା ବେଳେ ନଥାଏ,
ପରିଶ୍ରମ ଏତେ କେ ସତେ ଯେମନ୍ତେ
ରକ୍ତମାଂସ ଶୋଷି ନିଏ ।
ସେହି ରକ୍ତମାଂସେ ଗଢାହୁଏ ଶେଷେ
ରାସ୍ତା ପୋଲ ସରୋବର,
ଇଟାଭାଟି ଯେତେ କୋଠାବାଡି ସେତେ
ଗଢାହୁଏ ନିରନ୍ତର ।
ସେ ପରା ଶ୍ରମିକ ଶ୍ରମ ତାର ଭେକ
ପରିଶ୍ରମ ମହାଦାନ,
ତାର ଶ୍ରମ ଦାନ ଅତ୍ୟନ୍ତ ମହାନ
ସାହାହୁଅ ଭଗବାନ ।

ଏକାଦଶ ଶ୍ରେଣୀ,
ଡିଏଭି ପବ୍ଲିକ ସ୍କୁଲ, ଇଉନିଟ-୮,
ଭୁବନେଶ୍ୱର

# ପ୍ରଶ୍ନ ଏକ ଦାଦନ ଶ୍ରମିକର

ସୁଧାସ୍ମିତା ଦାଶ

କିଏ ମୋ ଦୁର୍ଭାଗ୍ୟ ର ରଚୟିତା ?
ମୋ ଭୋକିଲା ପେଟର ଚିତ୍କାର୍,
ନା ତେଲ ଲୁଣର ମୁଣ୍ଡନୁଆ କରଜଭାର ?
ଗାଁ ସାହୁକାର ର ହିସାବ ଖାତା,
ନା, ମୋ ଭାଗ୍ୟବିଧାତା !

କିଏ ବାନ୍ଧିଦେଲା ମୋ ପାଦେ ଦାଦନ ଶିକୁଳି ?
ରୋଗିଣା ବାପର କରୁଣ ମୁହଁ,
ନା ଅଭିଆଡି ବଢିଲା ଝିଅ ?
ଏଇ କିଛି ଦିନ ହେଲା ନିଆଁ ଛୁଇଁ ନ ଥିବା ମୋ ଦରଭଙ୍ଗା ଚୁଲି,
ନା ଠିକାଦାର ର ଟଙ୍କା ପୁଟୁଳି !

କିଏ ଏଠି ସାଥି ମୋର, କିଏ ସହୋଦର ?
ଅବିଶ୍ରାନ୍ତ ଦିନ, ଅସରନ୍ତି ରାତି,
ନା ଜ୍ୱରରେ କୁହୁଳୁଥିବା ମୋ ଦେହର ତାତି ?
ମାଲିକର ଭଡାଟିଆ ଗୁଣ୍ଡାର ହୁଂକାର,
ନା ଶିଥିଳ ପ୍ରାଣରେ ନିଷ୍ଠୁର ପ୍ରହାର !

କିଏ ଆଙ୍କିଦେଲା କପାଳେ କଳଙ୍କର ଟିକା ?
ଧୂଆଁରେ ଉଡିଯାଉଥିବା ମୋ କ୍ଲାନ୍ତିର ନିଃଶ୍ୱାସ,
ନା ଝାଳରେ ବୁଡି ଯାଉଥିବା ମୋର ଅନ୍ଧାରି ବିଶ୍ୱାସ
ପ୍ରବାସୀ ପ୍ରାଣର ବିରହ ବିଭିଷୀକା,
ନା ଉପେକ୍ଷିତ ସଦ୍ୟବଧୂ ଅଶାନ୍ତ ନାୟିକା !

କିଏ ଦେଇପାରିବ ମୋର ଅଛିଣ୍ଡା ପ୍ରଶ୍ନର ଉତ୍ତର,
ସେ ଅଜଣା ରାଇଜ, ଅଚିହ୍ନା ସହର,
ନା ବିଦେଶୀ ଭାଷାର ସର୍କାରୀ ଦପ୍ତର ;
ମୋ ଅଧିକାର ଦେହେ ଛପା ପ୍ରବାସୀ ମୋହର,
ନା ସେ ଗଣତନ୍ତ୍ର ଯାହାର ମୁଁ ସାବତ ଭୋଟର !

କାହା ଦୋଷେ ଆଜି ମୁଁ ପ୍ରବାସୀ ଶ୍ରମିକ ?
ମୋ ଶୂନ୍ୟ ପତିତ ଚାଷଜମି,
ନା ଦଗାଦିଆ ଅନିଶ୍ଚିତ ମୌସୁମୀ ;
ନିଶ୍ଚିତ ରୋଜଗାରର ଅନିଚ୍ଛା ବିଷପାନ ?
ନା, ଅଧକଂସା ପଖାଳ ପାଇଁ କଂସାଏ ସ୍ୱେଦଦାନ !!!

ଗ୍ରାମୀଣ ଶ୍ରମ ନିରୀକ୍ଷିକା, ନୟାଗଡ

# PUBLICATIONS OF STATE LABOUR INSTITUTE, BHUBANESWAR




## SISHU SAMPAD

ISSN No. 2349-1779

A Journal on issue relating to Child Labour.

Published Yearly in 12th June every year.




## SRAMA DARPAN -

ISSN No. 2349-1752

A Journal on Labour related issues.

Published Quarterly every year.




## PRABASI SHRAMIKA

ISSN No. 2349-1760

A Journal on Migrant Workers

Published Half-yearly every year.

Writers can contribute articles of own for Publication in the above Publications of State Labour Institute. The articles will be examined by the Publication Committees of State Labour Institute and the selected articles will be published in the issue as per convenience and a token amount of Rs.350/- (three hundred fifty only) will be paid to the contribution of selected article by State Labour Institute after publication of the article.

**Conditions :**

1. The Articles not selected shall not be returned in any case.
2. Decision of Publication Committee of SLI shall be final.

***Address for Submission of Articles :***

**State Labour Institute, Bhubaneswar**
Janpath, Kharvel Nagar, Unit-III,
Near Gurudwar, Bhubaneswar-751001
Email - slibbsr@yahoo.co.in, sliorissa@gmail.com













**Published by**
**STATE LABOUR INSTITUTE, ODISHA,**
**Bhubaneswar-751001**